୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.98 Bhubaneswar Thursday May 23 2024 ୨୬ତମ ବର୍ଷ ସଂଖ୍ୟା-୯୮ ଭୁବନେଶ୍ୱର, ଗୁରୁବାର, ମଇ ୨୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୨୬ରେ ପ୍ରକାଶ ପାଇବ ଯୁକ୍ତ ଦୁଇ ରେଜଲ୍ଟ



ଭୁବନେଶ୍ୱର, ୨୨।୫(ପି.ଏନ) : ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ ଯୁକ୍ତଦୁଇ ରେଜଲ୍ଟ । ସେହିଦିନ ଅପରାହ୍ଣ ସମୟରେ ଫଳାଫଳ ପ୍ରକାଶ କରାଯିବ । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇବ । ଏକ ସମୟରେ ସମସ୍ତ ପରୀକ୍ଷା ଫଳାଫଳ ପ୍ରକାଶ ପାଇବ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା । ରେଜଲ୍ଟ ବାବଦରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସଇ) ପକ୍ଷରୁ ଏ ବାବଦରେ ସୂଚ଼ନା ଦିଆଯାଇଛି ।ସୂଚ଼ନାଯୋଗ୍ୟ ଯେ, ମେ ୧୫ ତାରିଖ ସୁଦ୍ଧା ଫଳାଫଳ ପ୍ରକାଶ କରିବାକୁ ଉଚ୍ଚ଼ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସଇ) ପକ୍ଷରୁ ପୂର୍ବରୁ ଯୋଜନା କରାଯାଇଥିଲେ ହେଁ ତାହା ସଫଳ ହୋଇ ପାରି ନଥିଲା । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜୁନ୍ ମାସ ପୂର୍ବରୁ ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଉଥିବା କୁହାଯାଇଥିଲା । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଉତ୍ତରଖାତା ମୂଲ୍ୟାୟନରେ ବିଳମ୍ବ ହେବା ସହ ସାଧାରଣ ନିର୍ବାଚ଼ନ ପାଇଁ ପରୀକ୍ଷା ଫଳାଫଳ ପ୍ରସ୍ତୁତି ପ୍ରଭାବିତ ହୋଇଥିବା ପରିଷଦର ଜଣେ ଅଧିକାରୀ ସୂଚ଼ନା ଦେଇଥିଲେ । ଆଜି ପରୀକ୍ଷା ଫଳାଫଳ ତାରିଖ ଘୋଷଣା ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

## ନବୀନ ଓ ଅପରାଜିତା ମୁହାଁମୁହିଁ





ଭୁବନେଶ୍ୱର, ୨୨।୫(ପି.ଏନ): ପୁଣି ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଭୁବନେଶ୍ୱର ସାଂସଦ ତଥା ଚ଼ଳିତ ଥରର ବିଜେପି ଲୋକସଭା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀଙ୍କୁ ସଭାମଞ୍ଚରୁ ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।ଖୋର୍ଦ୍ଧାରେ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୁବନେଶ୍ୱର ସାଂସଦ ପୁରୀ ଓ ଲିଙ୍ଗରାଜ କାମ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ବିରୋଧୀ ଦଳ ନେତା ମିଛ କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି କହିଛନ୍ତି ନବୀନ।

## ସ୍କୁଲ ବସ୍-ଟ୍ରକ ମୁହାଁମୁହିଁ ଧକ୍କା: ୧୦ରୁ ଅଧିକ ଯାତ୍ରୀ ଆହତ

ଭୁବନେଶ୍ୱର, ୨୨।୫(ପି.ଏନ) : ସାମ୍ନାକୁ ଆସିଛି ଏକ ବଡଧରଣର ସଡକ ଦୁର୍ଘଟଣା । ଗୋଟିଏ ସ୍କୁଲ ବସ୍ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଝାରସୁଗୁଡା-ବେଲପାହାଡ ରାସ୍ତାର ତାରିଣୀ ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଛି । କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ଆଜି ସକାଳେ ସ୍କୁଲ ବସରେ ଝାରସୁଗୁଡାରୁ ବନ୍ଧବାହାଲ ଅଭିମୁଖେ ଯାତ୍ରା କରୁଥିଲେ । ତେବେ ଏନଏଚ୍-୪୯ର ତାରିଣୀ ମନ୍ଦିର ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହ ବସର ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଉଭୟ ଯାନ ଆଗପଟ ଭାଙ୍ଗିଯାଇଥିବା ଜଣାପଡିଛି । ଫଳରେ ଘଟଣାସ୍ଥଳରେ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ବସଟିରେ ଡ୍ରାଇଭରଙ୍କୁ ମିଶାଇ ମୋଟ ୨୫ ଜଣ ଯାତ୍ରା କରୁଥିଲେ । ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ବସ ଓ ଟ୍ରକକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି ।

## ପାରାଦୀପ ବିଜୁ ଯୁବ-ଛାତ୍ର ସମାବେଶରେ ବିଜେଡିର ଶକ୍ତି ପ୍ରଦର୍ଶନ

ପାରାଦୀପ, ୨୨।୫(ପି.ଏନ):ପାରାଦୀପ ନଗର ଯୁବଛାତ୍ର ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଦିନ ଏକ ବିରାଟ ଶୋଭାଯାତ୍ରା ଅଠରବାଙ୍କୀଠାରୁ ବାହାରି ଥିଲା। ଏହି ଶୋଭାଯାତ୍ରାରେ ଦଳର ଯୁବଛାତ୍ର ସଙ୍ଗଠନର ଶହଶହ କର୍ମୀ ମୋଟର ସାଇକେଲରେ ବାହାରି ସହର ପରିକ୍ରମା କରିଥିଲେ । ରାସ୍ତାରେ ଦଳୀୟ ସାଂସଦ ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀନୀ ଗୀତାଂଜଳୀ ରାଉତରାୟଙ୍କୁ ଦଳର ମହିଳା କର୍ମୀମାନେ ଭବ୍ୟ ସ୍ୱାଗତ କରିଥିଲେ । ଶୋଭାଯାତ୍ରା ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ ପହଂଚିଥିଲା । ସେଠାରେ ଅନୁଷ୍ଠିତ ହୋଇଥିଲା ଯୁବ-ଛାତ୍ର ସମାବେଶ । ଏହି ସମାବେଶରେ ସଭାପତିତ୍ୱ କରିଥିଲେ ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର । ପାରାଦୀପ ନଗର ବିଜେଡି ସଭାପତି ବସ' ବିଶ୍ୱାଳ, ସାଂସଦ ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀନୀ ଗୀତାଂଜଳୀ ରାଉତରାୟ,ବିଜୁ ଶ୍ରମିକ ସାମୁଖ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସାର୍ଖେଲ, ଦଳର ତାରକା ପ୍ରଚାରକ ଏଲିନା ଦାସ,ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ମହାପାତ୍ର, ନଗର ମହିଳା ବିଜେଡି ସଭାନେତ୍ରୀ ପ୍ରଭାତୀ ନାୟକ, ସଂଯୋଜକ ରଶ୍ମିରଂଜନ ଦାସ, ରଶ୍ମିତା ମଲ୍ଲିକ ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେବା ପାଇଁ ନିବେଦନ କରିଥିଲେ। ଏହି ସମାବେଶରେ ବିଧାୟକଙ୍କ ପାରାଦୀପ ପ୍ରତିନିଧି ରଶ୍ମି ରଂଜନ ପରିଡା, ବରିଷ୍ଠ ବିଜେଡି ନେତା କୁମରବର ନାୟକ, ଉଲ୍ଲାସ ବିଶ୍ୱାଳ, ବିଶ୍ୱନାଥ ବଳଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ୨୫ରେ ଆସିବେ ଶାହ, ୨୯ରେ ମୋଦି



ଭୁବନେଶ୍ୱର, ୨୨।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଓଡିଶା ଗସ୍ତରେ ଆସିବେ। ମେ' ୨୯ ତାରିଖରେ ସେ ଆସିବେ। କେନ୍ଦ୍ରାପଡା ଓ ବାଲେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚ଼ାର କରିବେ ପ୍ରଧାନମନ୍ତ୍ରୀ। ରାଜ୍ୟ ବିଜେପି ନିର୍ବାଚ଼ନ ପ୍ରଭାରୀ ବିଜୟପାଲ ସିଂହ ତୋମାର ଏହି ସୂଚ଼ନା ଦେଇଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକାଧିକ ଥର ଓଡିଶା ଆସି ନିର୍ବାଚ଼ନ ପ୍ରଚ଼ାର କରି ସାରିଛନ୍ତି। ସେ ବ୍ରହ୍ମପୁର, ନବରଙ୍ଗପୁର, କନ୍ଧମାଳ, ବରଗଡ, ବଲାଙ୍ଗିର, କଟକ ଓ ଅନୁଗୋଳରେ ନିର୍ବାଚ଼ନୀ ସଭାକୁ ସମ୍ବୋଧିତ କରିଥିବା ବେଳେ ଭୁବନେଶ୍ୱର ଓ ପୁରୀରରେ ରୋଡ୍ ଶୋ' କରିଥିଲେ।

## ଓଡିଶାରେ ରହିବନି ଲଘୁଚ଼ାପ ପ୍ରଭାବ, ସୂଚ଼ନା ଦେଲେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା

ଭୁବନେଶ୍ୱର, ୨୨।୫(ପି.ଏନ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚ଼ାପ କ୍ଷେତ୍ର ସୃଷ୍ଟି ହୋଇଛି । ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ପ୍ରେସମିଟ୍ କରିଛନ୍ତି । ଏଥିରେ ସେ ସୂଚ଼ନା ଦେଇଛନ୍ତି ଯେ, ଓଡିଶା ଉପରେ ଲଘୁଚ଼ାପର ପ୍ରଭାବ ରହିବ ନାହିଁ । କିନ୍ତୁ ୨୩ ତାରିଖରୁ ମତ୍ସ୍ୟଜୀବୀମାନଙ୍କୁ ଦକ୍ଷିଣ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଯିବାକୁ ମନାକରାଯାଇଛି । ୨୪ ତାରିଖରୁ ଉତ୍ତର ବଙ୍ଗୋପସାଗର ଯିବାକୁ ମତ୍ସ୍ୟଜୀବୀଙ୍କୁ ମନା କରାଯାଇଛି । ଏହା ବ୍ୟତୀତ ଦକ୍ଷିଣ, ଉତ୍ତର ଓଡିଶାରେ କାଳବୈଶାଖୀ ଲାଗି ରହିବ । ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଘଡଘଡି ସହ ବର୍ଷା ହେବ ବୋଲି ଆଲର୍ଟ ଜାରି କରାଯାଇଛି । ୪୮ ଘଣ୍ଟା ପର୍ଯ୍ୟନ୍ତ ତାତି ରହିବ । ଆଭ୍ୟନ୍ତରୀଣ ଓଡିଶାରେ ତାପମାତ୍ରା ୪୦ ଡିଗ୍ରୀ ଟପିବ ।

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚ଼ାପ କ୍ଷେତ୍ର, ୨୪ ତାରିଖରେ ବର୍ଷା ସମ୍ଭାବନା

ଭୁବନେଶ୍ୱର: ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚ଼ାପ କ୍ଷେତ୍ର । ଉତ୍ତର ତାମିଲନାଡୁ-ଦକ୍ଷିଣ ଆନ୍ଧ୍ର ଉପକୂଳରେ ଲଘୁଚ଼ାପ କ୍ଷେତ୍ର ସୃଷ୍ଟି ହୋଇଛି । ୨୪ ତାରିଖ ସକାଳ ସୁଦ୍ଧା ଘନୀଭୂତ ହୋଇ ଅବପାତ ହେବାର ସମ୍ଭାବନା ରହିଛି । ଏହା ଉତ୍ତରପୂର୍ବ ଦିଗରେ ଗତିକରି କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ କରିଛି । ୨୩ ଓ ୨୪ରେ ସମୁଦ୍ର ଅଶାନ୍ତ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚ଼ନା ଜାରି ହୋଇଛି । ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି କୁହାଯାଇଛି । ତେବେ ୨୪ ତାରିଖରେ ଦକ୍ଷିଣ ଓଡିଶା ଓ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ସମ୍ଭାବନା ରହିଛି ।

## ନିର୍ବାଚ଼ନ ପାଇଁ ଭୁବନେଶ୍ୱରରେ ମୁତୟନ ହେବେ ୧୫ ପ୍ଲାଟୁନ ପୁଲିସ ଫୋର୍ସ



ଭୁବନେଶ୍ୱର, ୨୨।୫(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ନିର୍ବାଚ଼ନକୁ ନେଇ ପୁଲିସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫ୍ରି ଫେୟାର ନିର୍ବାଚ଼ନ ନେଇ ପୁଲିସ ଅଧିକାରୀଙ୍କ ସହ ପୁଲିସ କମିଶନରଙ୍କ ଆଲୋଚ଼ନା ହୋଇଛି। ନିର୍ବାଚ଼ନ ପାଇଁ ରାଜଧାନୀରେ ୧୫ ପ୍ଲାଟୁନ ପୁଲିସ ଫୋର୍ସ ଓ ୧୨ କମ୍ପାନି ସିଏପିଏଫ୍ ଫୋର୍ସ ମୁତୟନ ହେବେ। ରାଜଧାନୀର ବିଭିନ୍ନ ନିର୍ବାଚ଼ନ ମଣ୍ଡଳୀରେ ମୋଟ ୪୮୮ଟି ସ୍ଥାନରେ ୧୧୩୨ଟି ପୁଲିଂ ବୁଥ ରହିଛି ।ଜୟଦେବ ନିର୍ବାଚ଼ନ ମଣ୍ଡଳୀରେ ୧୬୯ଟି ସ୍ଥାନରେ ୨୩୬ଟି ପୁଲିଂ ବୁଥ ରହିଛି। ଭୁବନେଶ୍ୱର (ମଧ୍ୟ)ରେ ୫୦ଟି ସ୍ଥାନରେ ୨୦୦ଟି ପୁଲିଂ ବୁଥ ରହିଛି। ମଧ୍ୟ ନିର୍ବାଚ଼ନ ମଣ୍ଡଳୀର ସମସ୍ତ ବୁଥ ସଖି ବୁଥ, ଯେଉଁଠି କେବଳ ମହିଳା କର୍ମଚ଼ାରୀ ନିୟୋଜିତ ହେବେ। ଭୁବନେଶ୍ୱର (ଉତ୍ତର)ରେ ୮୪ଟି ସ୍ଥାନରେ ୨୫୪ଟି ମତଦାନ କେନ୍ଦ୍ର ଓ ଭୁବନେଶ୍ୱର (ଏକାମ୍ର)ରେ ୭୪ଟି ସ୍ଥାନରେ ୨୩୭ଟି ପୁଲିଂ ବୁଥ ରହିଛି। ସେହିପରି ଜଟଣୀରେ ୧୧୧ଟି ସ୍ଥାନରେ ୨୦୫ଟି ପୁଲିଂ ବୁଥ ରହିଛି। ରାଜଧାନୀରେ ୧୫୨ ସମ୍ବେଦନଶୀଳ ବୁଥ ରହିଛି। ସବୁ ବୁଥରେ ସେଣ୍ଟ୍ରାଲ ଆର୍ମ ପୁଲିସ ଫୋର୍ସ (ସିଏପିଏଫ୍ ?) ଫୋର୍ସ ମୁତୟନ ହେବ। ୪ଟିରୁ ଅଧିକ ବୁଥ ଥିବା ଲୋକେସନରେ ସିଏପିଏଫ ଫୋର୍ସ ମୁତୟନ ହେବେ। ୫୨୫ ବୁଥରେ ୱେବ କାଷ୍ଟିଂ କରାଯାଉଛି। ୧୫ଟି ଫ୍ଲାଇଙ୍ଗ ଟିମ୍ କାମ କରୁଛନ୍ତି। ୫୧ଟି ମୋବାଇଲ ପାର୍ଟି ନିୟୋଜିତ ରହିବେ। ସବୁ ନିର୍ବାଚ଼ନ ମଣ୍ଡଳୀରେ ଜଣେ ଅତିରିକ୍ତ ଡିସିପି ଇନଚ଼ାର୍ଜ ଭାବେ ଦାୟିତ୍ୱରେ ରହିବେ।ପୁଲିସ କମିସର ସଂଜୀବ ପଣ୍ଡା କହିଛନ୍ତି, କମିସନରେଟ ପୁଲିସ ନିର୍ବାଚ଼ନ ପାଇଁ ଦୁଇଟି ନୂଆ ସଫ୍ଟୱେୟାର ଲଞ୍ଚ କରିଛି। ପୁଲିସ ପେଟ୍ରୋଲିଂ ଓ ବୁଥ ମନିଟରିଂ ସିଷ୍ଟମ ସହ ଭାଇକିଲ ଟ୍ରକିଙ୍ଗ ସିଷ୍ଟମ ଦୁଇଟି ଆପ ଜରିଆରେ ବୁଥ ଓ ପାଟ୍ରୋଲିଂ ପାଇଁ ନିୟୋଜିତ ଥିବା ଗାଡି ଉପରେ ନଜର ରଖାଯିବ।

## ଗ୍ରାମ ସେବକ ପଦକୁ ପଦୋନ୍ନତି ପାଇଥିବା କର୍ମଚ଼ାରୀଙ୍କୁ ସର୍ବନିମ୍ନ ପେନସନ୍ ଦେବାକୁ ନିର୍ଦ୍ଦେଶ ଦେଲେ ଓଡିଶା ହାଇକୋର୍ଟ



ଭୁବନେଶ୍ୱର, ୨୨।୫(ପି.ଏନ): ଗ୍ରାମ ସେବକ ପଦକୁ ପଦୋନ୍ନତି ପାଇଥିବା କର୍ମଚ଼ାରୀଙ୍କୁ ସର୍ବନିମ୍ନ ପେନସନ୍ ଦେବାକୁ ନିର୍ଦ୍ଦେଶ ଦେଲେ ଓଡିଶା ହାଇକୋର୍ଟ ଭିଏଲଡବ୍ଲ୍ୟୁ (ଗ୍ରାମ ସେବକ)ଙ୍କୁ ସର୍ବନିମ୍ନ ପେନସନ ପ୍ରଦାନ କରିବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଓଡିଶା ସରକାର ବନାମ ଜଣେ ବ୍ୟକ୍ତିଙ୍କ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଆଧାରରେ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି । ପଞ୍ଚାୟତ ସେକ୍ରେଟାରୀରୁ ଗ୍ରାମସେବକ ପଦକୁ ପଦୋନ୍ନତି ପାଇଥିବା କର୍ମଚ଼ାରୀଙ୍କୁ ସର୍ବନିମ୍ନ ପେନସନ୍ ଦେବାକୁ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ।ସୂଚ଼ନା ମୁତାବକ, ପଞ୍ଚାୟତ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିବା କର୍ମଚ଼ାରୀମାନଙ୍କୁ ରାଜ୍ୟ ସରକାର ଗ୍ରାମସେବକ ପଦକୁ ପଦୋନ୍ନତି ଦେଇଥିଲେ । ଉକ୍ତ ଆଦେଶ ଆସିବା ପରେ କିଛି କର୍ମଚ଼ାରୀ ୩/୪ ବର୍ଷ ଗ୍ରାମସେବକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ଫଳରେ ସେମାନଙ୍କୁ ଗ୍ରାମସେବକ ହିସାବରେ କୌଣସି ଅବସରକାଳୀନ ପ୍ରାପ୍ୟ କିମ୍ବା ପେନସନ୍ ମିଳିନଥିଲା । ଏନେଇ ନିରଞ୍ଜନ ବିଶ୍ୱାଳଙ୍କ ସମେତ ୭୮୦ ଜଣ ଗ୍ରାମ ସେବ ସେତେବେଳେ ସ୍ୟାଟରେ ମାମଲା ରୁଜୁ କରିଥିଲେ । ଏହି ମାମଲାର ବିଚ଼ାର କରି ସ୍ୟାଟ ଆବେଦନକାରୀଙ୍କୁ ସର୍ବନିମ୍ନ ପେନସନ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ଉକ୍ତ ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟରେ ପହଞ୍ଚିଥିଲେ । ହାଇକୋର୍ଟ ମଧ୍ୟ ସ୍ୟାଟଙ୍କ ରାୟକୁ କାଏମ୍ ରଖିବା ସହ ଆବେଦନକାରୀଙ୍କୁ ସର୍ବନିମ୍ନ ପେନସନ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଉକ୍ତ ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଥିଲେ । ସୁପ୍ରିମକୋର୍ଟ ମଧ୍ୟ ହାଇକୋର୍ଟଙ୍କ ଆଦେଶକୁ କାଏମ୍ ରଖିଥିଲେ ।

## ମୋ ବସ୍' ଯାତ୍ରୀଙ୍କୁ ଟାର୍ଗେଟ କରୁଥିବା ୫ ଲୁଟେରା ଗିରଫ, ୨୦ହଜାର ଟଙ୍କା ଓ ୫ ମୋବାଇ ଜବତ



ଭୁବନେଶ୍ୱର, ୨୨।୫(ପି.ଏନ): ମୋ ବସ୍ ଯାତ୍ରୀଙ୍କୁ ଲୁଟୁଥିବା ଅଭିଯୋଗରେ ଭୁବନେଶ୍ୱର ନୟାପଲ୍ଲୀ ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ପଶ୍ଚିମବଙ୍ଗର ରିଜୁଆଲ୍ ଜମିଦାର, କଟକର ଏସ୍.କେ ସଲିମ୍, ଯାଜପୁରର ଏସ୍.କେ ଚୁନୁଉଦ୍ଦିନ, ମୁର୍ତଜା ହୁସେନ୍ ଓ ଏସ୍.କେ ସରିଫ୍। ସେମାନଙ୍କ ଠାରୁ ୫ଟି ମୋବାଇଲ୍ ଓ ୨୦ ହଜାର ଟଙ୍କା ଜବତ କରାଯାଇଛି। ଜବତ ମୋବାଇଲ ଓ ଟଙ୍କା ସେମାନେ ମୋ ବସ୍ ଯାତ୍ରୀଙ୍କ ଠାରୁ ଲୁଟିଥିବା ପୁଲିସ ଆଗରେ ସ୍ୱୀକାର କରିଛନ୍ତି ।ଜୋନ୍ ୫ ଏସିପି ଗୌତମ କିଷାନଙ୍କ ସୂଚ଼ନା ଅନୁଯାୟୀ, ଆଜି ସକାଳ ପ୍ରାୟ ୭.୩୦ ବେଳେ ନୟାପଲ୍ଲୀ ଥାନା ପୁଲିସ ବିଶେଷ ସୂତ୍ରରୁ ସୂଚ଼ନା ପାଇଥିଲା ଯେ ସିଆରପିଏଫ ଛକରେ ମୋ ବସ୍ ଷ୍ଟପରେ କିଛି ସନ୍ଦିଗ୍ଧ ବୁଲୁଛନ୍ତି। ମୋ ବସ୍‌ରେ ଯାତ୍ରୀମାନେ ଚ଼ଢୁଥିବା ବେଳେ ଭିଡଦେଖି ଏହି ସନ୍ଦିଗ୍ଧ ମାନେ ମନିପର୍ସ ଓ ମୋବାଇଲ ଲୁଟ୍ କରୁଛନ୍ତି। ସଙ୍ଗେ ସଙ୍ଗେ ପୁଲିସର ଏକ ଟିମ୍ ସେଠାରେ ପହଞ୍ଚି ୫ ସନ୍ଦିଗ୍ଧଙ୍କୁ ଧରିଥିଲା।

## ସମ୍ବଲପୁର ଲୋକସଭା ଆସନରେ ବବି ଓ ଧର୍ମେନ୍ଦ୍ରଙ୍କ ମଧ୍ୟରେ କଡ଼ା ଟକ୍କର



ସମ୍ବଲପୁର, ୨୨।୫(ପି.ଏନ): ଆସନ୍ତା ୨୫ ତାରିଖରେ ହେବାକୁଥିବା ତୃତୀୟ ପର୍ଯ୍ୟାୟ ମତଦାନରେ ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରଚାର ଅତ୍ୟନ୍ତ ରୋଚକପୂର୍ଣ୍ଣ ଓ ସରଗରମ ହେବାରେ ଲାଗିଛି ।

### ନିର୍ଣ୍ଣାୟକ ଭୂମିକାରେ ନଗେନ୍ଦ୍ର

ଏଠାରେ ମୁଖ୍ୟତଃ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜୁ ଜନତାଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି । କଂଗ୍ରେସ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ, ତଥା ପୂର୍ବତନ ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି ଆସନରୁ ଜିତିବା ଉଭୟ ବବି ଏବଂ ଧର୍ମେନ୍ଦ୍ରଙ୍କ ପାଇଁ ସମ୍ମାନର ପ୍ରଶ୍ନ। ବିଗତ ବର୍ଷମାନଙ୍କରେ ସମ୍ବଲପୁର ଲୋକସଭା ଆସନରୁ ଜିତିଥିବା ସାଂସଦମାନେ ସେପରି କିଛି କାର୍ଯ୍ୟକ୍ରମ କରିବାର ନଜର ନାହିଁ। ଏବେ କିନ୍ତୁ ସମ୍ବଲପୁରବାସୀ ବେଶ ଉତ୍ସାହିତ ଏବଂ ଆଶାବାଦୀ। ଯିଏ ବି ଜିତୁ ନା କାହିଁକି ସମ୍ବଲପୁର ବିକାଶ ରାସ୍ତାରେ ଆଗକୁ ଦୌଡିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ : ପାରାଦୀପ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ସମ୍ବିତ ପାତ୍ରଙ୍କ କୁଶପୁତଳିକା ଦାହ

ପାରାଦୀପ, ୨୨।୫(ପି.ଏନ): ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅପମାନଜନକ ମ'ବ୍ୟ ଦେବା ପ୍ରତିବାଦରେ ପାରାଦୀପ କଂଗ୍ରେସ କମିଟି ପକ୍ଷରୁ ପୁରୀ ବିଜେପି ସାଂସଦ ପ୍ରାର୍ଥୀ ଡା. ସମ୍ବିତ ପାତ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶ ପୁତଳିକା ଦାହ କରାଯାଇଛି । ପାରାଦୀପ କଂଗ୍ରେସ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ପାରାଦୀପ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଂଜନ ନାୟକଙ୍କ ନେତୃତ୍ୱରେ ବାହାରି ବଡପଡିଆ ଥାନା ଛକ ନିକଟରେ ପହଂଚିଥିଲା । ସେଠାରେ ଦଳୀୟ କର୍ମୀ ଓ ସମର୍ଥକମାନେ ବିଜେପି ଓ ସମ୍ବିତ ପାତ୍ରଙ୍କ ବିରୋଧରେ ନାରା ଦେଇଥିଲେ।









## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ପ୍ରିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଉ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ପୁଅ ଜିଉନ୍ତିଆ ଦୂତୀବାହନ ଓଷା



ସନ୍ତାନ ପ୍ରତି ମଆର ସ୍ନେହ ଅନନ୍ତ ଅସୀମ। ଝିଅଟିଏ ମାଆ ଭୂମିକାକୁ ଆସିବା ପରେ ସେ ସାଜିଯାଏ ତ୍ୟାଗ, ମମତା ଓ ପ୍ରୀତିର ଅଫୁରନ୍ତ ଉତ୍ସଟିଏ। କେତେବେଳେ ସ୍ୱାମୀର ମଙ୍ଗଳ କାମନା କରି ସେ ପୂଜିବସେ ସାବିତ୍ରୀଙ୍କୁ ତ ପୁଣି କେତେବେଳେ ନିଜ ଭାଇ ପାଇଁ ଭଉଣୀ ସାଜି ପୂଜା ଭ୍ରାତୃ ଦ୍ୱିତୀୟାରେ ପୂଜା କରିବସେ ଭାଇ। ପୁଣି କେତେବେଳେ ମାଆଟିଏ ହୋଇ ସନ୍ତାନର ମଙ୍ଗଳ ପାଇଁ ପୂଜା କରେ ଦୂତୀ ବାହନ ବା ପୁଅଜିଉନ୍ତିଆ। ନାରୀଟିଏ ପରିବାରର ସବୁ ସଦସ୍ୟଙ୍କ ମଙ୍ଗଳ ପାଇଁ ବାରମାସରେ ଆୟୋଜନ କରେ ତେର ଓଷା ବ୍ରତ। ଦରକାର ହେଲେ ସେ ନିଜ ଜୀବନକୁ ମଧ୍ୟ ବାଜି ଲଗାଇ ଦିଏ। ସାରା ପରିବାରର ମଙ୍ଗଳ ଯେମିତି ନାରୀଟିଏ ଏକାନ୍ତ କାମ୍ୟ। ହସି ହସି ସେ ସବୁ ଦୁଃଖକୁ ସହି ନିଏ, କଷ୍ଟକୁ ବି ଆପଣେଇ ନିଏ। ପୁଅ ଜିଉନ୍ତିଆ ପଶ୍ଚିମ ଓଡ଼ିଶାରେ ଯେପରି ଏକ ନିଆରା ପର୍ବ, ଠିକ୍ ସେହିପରି ଦୂତୀବାହାନ ଓଷା ବା ଦୂତୀୟା ଓଷା ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଏକ ପ୍ରସିଦ୍ଧ ଓଷା। ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ରେ ଏହି ଦୂତିବାହନ ଓଷା ବେଶ ନିଷ୍ଠା ଓ କାଷ୍ଠାର ସହ ପାଳିତ ହୋଇଥାଏ।



ଠିକ୍ ସେହିପରି କଟକ ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଅଞ୍ଚଳରେ ଦୂତୀବାହନ ଓଷା ବା ଦୂତୀୟା ଓଷା ଏକ ପାରିବାରିକ ଓ ସାମାଜିକ ଓଷା ଭାବରେ ଗ୍ରାମୀଣ ଜୀବନଧାରାରେ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଛି। ସନ୍ତାନର ମଙ୍ଗଳ ସହ ଆୟୁଷ କାମନା କରି ମାଆ ଓ ବିବାହିତ ମହିଳାମାନେ ଏହି ଓଷାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏହି ଓଷା ଗ୍ରାମୀଣ ଜୀବନ ଧାରାରେ ଏକ ପାରିବାରିକ ସମ୍ବନ୍ଧ ଓ ସାମାଜିକ ଦୃଢ଼ତା ସୃଷ୍ଟି କରେ। ଗାଁ ମଣିଷର ଚଳନୀ ଓ ସାଣ୍ଟାଣାକୁ ଦୃଢ଼ କରିଥାଏ। ଏହି ଓଷା ମଣିଷଙ୍କ ଜୀବନଧାରାକୁ ଏକତାର ରଜ୍ଜୁରେ ବାନ୍ଧିବା ସହ ଉତ୍ସବ ମୁଖର କରିତୋଳେ। ଦୂତୀବାହନଙ୍କୁ ପୂଜା କରି ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାରା ଦିନ ନିର୍ଜଳା ଉପବାସ କରି ନିଷ୍ଠାର ସହ ଏହି ବ୍ରତଧାରଣ କରିବା ହେଉଛି ଓଷାର ମୁଖ୍ୟ କାର୍ଯ୍ୟ।

ଆଶ୍ୱିନର ଅଷ୍ଟମୀ ତିଥିରେ ପୁଅ ଜିଉନ୍ତିଆ ପାଳନ କରାଯାଏ। ପୂଜାର ପୂର୍ବଦିନ ଶିଳ ଶିଆଳୀ ପୂଜା କରାଯାଏ। ଏହିଦିନ ଶିଳକୁ ହଳଦୀ ପାଣିରେ ଧୋଇ ଦିଆଯାଏ। ଏଥିରେ ଗୁଆ ସହ ପୁଞ୍ଜାଏ କରି ଚାଉଳ ରଖାଯାଏ। ଏହିଥିରେ ଦୀପ କଳସ ବସାଇ ପିଠା ଭୋଗ ଲଗାଯାଏ। ସେଥିରୁ ଚାରୋଟି ପିଠା ଉପରକୁ ଫିଙ୍ଗାଯାଏ ଏବଂ ଚାରୋଟି ପିଠା ତଳେ ପୋତି ଦିଆଯାଏ। ପୂଜା ଦିନ ମାଆମାନେ ନିର୍ଜଳା ଉପବାସ ରୁହନ୍ତି। ସଂଜହେଲେ ସ୍ନାନସାରି ନଦୀବାଲିରେ ବେଦୀ କରନ୍ତି। ସେଇ ବେଦୀରେ ଚାରିଖଣ୍ଡ କାଠି ପୋତାଯାଏ। ଚାରି କାଠି ଉପରେ ଚାରୋଟି ଚକା କାକୁଡ଼ି ରଖାଯାଏ। ଗାଧୋଇ ସାରିବା ପରେ କାଠିରେ ଆଖୁ କଦଳୀ ଏପରି ୫ଟି ଗଛର ଡାଳ ପୋତାଯାଏ। ବ୍ରାହ୍ମଣ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଠ କରାଯାଏ। ସୂର୍ଯ୍ୟାସ୍ତ ପରେ ହିଁ ଏହି ପୂଜା ହୋଇଥାଏ। ଏହି ପୂଜାରେ ୨୧ ପ୍ରକାର ଫଳ ଭୋଗ ଲାଗି ହୋଇଥାଏ। ଏଥିସହ ୧୦୮ ଦୂବ, ୧୦୮ ଚାଉଳ ଓ ପରଦିନ ହିଁ ବ୍ୟବହୃତ ହୋଇଥାଏ। ସକାଳେ ପୂଜାସ୍ଥାନରେ ୪ଖଣ୍ଡ କାଠି ଖଣ୍ଡୁଆଳ ଚକି ପ୍ରତୀକ ଭାବରେ ଗୌରୀ ପୂଜା କରାଯାଏ। ଏହି ଦିନ ମୁଗ ଆଠଟି, ଚାଉଳ ଆଠଟି, ଦହି ଗୁଡ଼ ସହ ଜଳିବା ପରେ ପୁଅମାନଙ୍କୁ ବନ୍ଦାପନା କରାଯାଏ। ସମସ୍ତେ ଭୋଗ ବାଢ଼ନ୍ତି। ଏହି ଭୋଗକୁ ପଶ୍ଚିମ ଓଡ଼ିଶାରେ ଜିଉନ୍ତିଆ ବୋଲି କୁହନ୍ତି। ଏହାପରେ ଆରମ୍ଭ ହୋଇଯାଏ ମଉଜ ମଜଲିସ ଓ ପିଠା ପଣାରେ ପରିବାର ହସି ଉଠେ। ମାଆ ଖାଇବା ପରେ ଅନ୍ୟ ସନ୍ତାନମାନେ ଖାଇଥାନ୍ତି। ଉତ୍ତର ଓଡ଼ିଶାରେ ଅନେକ ଗାଁ ପରିବେଶରେ ମଉଜ ମଜଲିସରେ ଛକ ଜାଗାମାନ ଫାଟି ଉଠେ। ଠିକ୍ ସେହିପରି ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଜିଉଁନ୍ତିଆ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଗାଉଣା, ବାଜଣା ଭିତରେ ପରିବେଶ ଜୀବନ୍ତ ହୋଇଉଠେ। ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ପୁଅ ଜିଉନ୍ତିଆ ଓଷାକୁ ନେଇ ଜିଉନ୍ତିଆ ଉତ୍ସବମାନ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀର ରାତ୍ରକାଳରୁ ଦୁର୍ଗାଙ୍କର ଶୟନ ଉତ୍ସବ ଆରମ୍ଭ ହୋଇଥାଏ। ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲେ। ଏହି ସମୟଟି ଅତ୍ୟନ୍ତ ଅଶୁଭ ସମୟ। କାରଣ ହରିଙ୍କ ଶୟନ ସାଥିକୁ ଦେବୀଙ୍କ ଶୟନ ଅଶୁଭର ପ୍ରତୀକ। ୧୫ ଦିନ ଶୋଇବା ପରେ ଶଯ୍ୟା ତ୍ୟାଗ କରି ମାଆ ଦୁର୍ଗାଙ୍କର ଉପାସନା ଉତ୍ସବ ପାଳିତ ହୁଏ। ସେ ରାତ୍ରିରେ ସହସ୍ର କୁମ୍ଭାରିଷ୍ଟ କରାଯାଏ ଏବଂ ପରଦିନ ଠାରୁ ଦେବୀଙ୍କ ଷୋଠଶ ପୂଜାରମ୍ଭ ହୋଇଥାଏ। ଆଶ୍ୱିନ ଅଷ୍ଟମୀରେ ମୂଳାଷ୍ଟମୀ ଅବକାଶରେ ମାଆ ଦୂତୀବାହନଙ୍କୁ ପୂଜା କରିବା ସମୟରେ ଯେଉଁ ପସରା ପୂଜା ଅନୁଷ୍ଠିତ ହୋଇଥାଏ ସେହି ପସରାରେ ପୂଜା ପାଉଥିବା ୪୭ ପ୍ରକାର ପନିପରିବା ଓ ଫଳମୂଳକୁ ନେଇ ଆଶ୍ୱିନ ନବମୀରେ ଆୟୋଜିତ ହୁଏ ଘାଣ୍ଟ। ଓଡ଼ିଆ ଘରର ଘାଣ୍ଟ ବେଶ ପ୍ରସିଦ୍ଧ। ଏହି ଘାଣ୍ଟକୁ ଗ୍ରାମୀଣ ଜୀବନଧାରାରେ ପରିବାର ସହିତ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନଙ୍କୁ ବାଣ୍ଟି ଖିଆଯାଏ। ଆଶ୍ଚର୍ଯ୍ୟର କଥା ଏହି ଘାଣ୍ଟ ଏବେ ଅନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ମେନ୍ୟୁରେ ସ୍ଥାନ ପାଇଛି।

# ପିତୃପୁରୁଷ ଶ୍ରାଦ୍ଧପକ୍ଷ

ଭାରତୀୟ ଧର୍ମଗ୍ରନ୍ଥ ଅନୁସାରେ ମନୁଷ୍ୟ ଉପରେ ମୁଖ୍ୟତଃ ତିନିପ୍ରକାର ଋଣ ପିତୃଋଣ, ଦେବଋଣ ଓ ଋଷିଋଣ ରହିଥାଏ। ଏମାନଙ୍କ ମଧ୍ୟରେ ପିତୃଋଣ ସର୍ବପ୍ରଧାନ ବୋଲି କୁହାଯାଇଛି। ପିତୃଋଣରେ ପିତାଙ୍କ ବ୍ୟତୀତ ମାତା ଏବଂ ଅନ୍ୟ ସମସ୍ତ ଗୁରୁଜନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ। ପ୍ରଥମରେ ଏକବର୍ଷ ପର୍ଯ୍ୟନ୍ତ ପ୍ରତି ମାସ ମୃତ୍ୟୁ ତିଥିରେ ମାସିକିଆ ଶ୍ରାଦ୍ଧ କରାଯାଏ ଏହାପରେ ଶ୍ରାଦ୍ଧ କରିବା ନିମନ୍ତେ ହିନ୍ଦୁଧର୍ମ ଗ୍ରନ୍ଥମାନଙ୍କରେ ଉପଦେଶ ଦିଆଯାଇଅଛି। ଭାଦ୍ରପଦ ପୂର୍ଣ୍ଣିମାଠାରୁ ଆରମ୍ଭ କରି ଆଶ୍ୱିନମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ମୋଟ ୧୫ଦିନ ସମୟକୁ ପିତୃପକ୍ଷ କୁହାଯାଏ। ଏହାକୁ କନାଗତ ମଧ୍ୟ କହନ୍ତି ଯାହାକି କନ୍ୟାର୍କଗତର ଅପଭ୍ରଂଶ ମାତ୍ର। ଏହି ସମୟରେ ଅର୍କ ବା ସୂର୍ଯ୍ୟ କନ୍ୟା ରାଶିରେ ଥାଆନ୍ତି ବୋଲି ଏହି ୧୫ଦିନ ସମୟକୁ କନ୍ୟାର୍କଗତ ବା କନାଗତ ସମୟ କୁହାଯାଏ। ମୃତ୍ୟୁପରେ ମନୁଷ୍ୟ ଯେତେବେଳେ ତା'ର ଶରୀର ତ୍ୟାଗ କରେ ସେତେବେଳେ ତା'ର ଆତ୍ମା ପ୍ରେତଯୋନିରେ ପ୍ରବେଶ କରେ। ମୃତ୍ୟୁ ପରଠାରୁ ୧୨ ଦିନ ପର୍ଯ୍ୟନ୍ତ ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଶ୍ରଦ୍ଧାଯୁକ୍ତ ଶ୍ରାଦ୍ଧ ଓ ପିଣ୍ଡଦାନ କରାଗଲେ, ସେ ପିତୃଲୋକରେ ପ୍ରବେଶ କରେ। ବ୍ରହ୍ମପୁରାଣରେ ଲେଖାଅଛି ଯେ, ଆଶ୍ୱିନ ମାସର କୃଷ୍ଣ ପକ୍ଷରେ ଯମରାଜ ସମସ୍ତ ପିତରମାନଙ୍କୁ ୧୫ ଦିନ ନିମିତ୍ତ ମୁକ୍ତି ପ୍ରଦାନ କରିଥାଆନ୍ତି ଯାହାଦ୍ୱାରା ସେମାନେ ନିଜ ସନ୍ତାନମାନଙ୍କ ଠାରୁ ପିଣ୍ଡଦାନ ପାଇଁ ଧରାପୃଷ୍ଠକୁ ଆସିପାରିବେ। କର୍ମପୁରାଣରେ କୁହାଯାଇଛି ଯେ, ଏହି ପିତୃପକ୍ଷରେ ସମସ୍ତ ପିତର ନିଜ ନିଜର ପୂର୍ବ ବାସଗୃହକୁ ଯାଆନ୍ତି ଏବଂ ନିଜ ସନ୍ତାନମାନଙ୍କଠାରୁ ସ୍ନେହ ଶ୍ରଦ୍ଧା, ଭକ୍ତିପୂତ ଜଳ ତିଳ ପିଣ୍ଡ ଆଶା କରନ୍ତି। ବ୍ରହ୍ମ ପୁରାଣରେ କୁହାଯାଇଛି ଯେ, ଏହି ୧୫ ଦିନ ମଧ୍ୟରେ ଯଦି ପିତୃପୁରୁଷଙ୍କୁ ତର୍ପଣ ଶ୍ରାଦ୍ଧ ନକରାଯାଏ ତେବେ ସେମାନେ ନିରାଶ ହୋଇ ପୁଣି ପିତୃଲୋକକୁ ଫେରି ଯାଆନ୍ତି। ଅପରପକ୍ଷରେ ଯେଉଁ ବ୍ୟକ୍ତି ପିତୃପକ୍ଷର ୧୫ ଦିନ ନିଜ ପିତୃପୁରୁଷଙ୍କୁ ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ତର୍ପଣ ଶ୍ରାଦ୍ଧରେ

ମୁଖ୍ୟ ଉପାଦାନ ହେଉଛି କେବଳ ଶ୍ରଦ୍ଧା ଏବଂ ଭକ୍ତି।

ସେପ୍ଟେମ୍ବର ୧୬ରୁ ୩୦ ଯାଏ ରହୁଛି ଶ୍ରାଦ୍ଧପକ୍ଷ। ଏହି ଦିନଗୁଡ଼ିକରେ ତର୍ପଣ କଲେ ପିତୃପୁରୁଷ ଖୁସି ହୋଇଥାନ୍ତି ଏବଂ ତାଙ୍କ କୃପାରୁ ସୁଖ-ସମୃଦ୍ଧି ଲାଭ ହୁଏ। ଶ୍ରାଦ୍ଧପକ୍ଷରେ ସ୍ନାନ ତଥା ଦିନଚର୍ଯ୍ୟାରେ କିଛି ପରିବର୍ତ୍ତନ କରିବାକୁ ପଡ଼େ। ରସୁଣ, ଗାଜର, ପିଆଜ, ଦହିମିଶା ଅଟା ଆଦି ଆଉ କିଛି ଖାଦ୍ୟ ଯାହା ରସ ଓ ଗନ୍ଧଯୁକ୍ତ ତାହା ଶ୍ରାଦ୍ଧପକ୍ଷରେ ବର୍ଜନୀୟ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଶାସ୍ତ୍ର ଅନୁସାରେ, ରସୁଣ ପିଆଜ ତାମସିକ। ଏହା ସେବନ କଲେ ବିଚାରର ପବିତ୍ରତା ନଷ୍ଟ ହୁଏ। କ୍ରୋଧୀ ସ୍ୱଭାବ ଦେଖାଦିଏ। ମନ ଏକାଗ୍ର ରହେନି। ଶ୍ରାଦ୍ଧ ସମୟ ପୂଜା ଓ ଧ୍ୟାନ ଲାଗି ଶ୍ରେଷ୍ଠ। ଏହାଲାଗି ଏକାଗ୍ରତା ଓ ପବିତ୍ରତା ଜରୁରୀ। ଏଣୁ ଶ୍ରାଦ୍ଧ ସମୟରେ ଏହି ଖାଦ୍ୟ ଖାଇବା ଉଚିତ ନୁହେଁ। ଯଦି କୌଣସି ବ୍ୟକ୍ତି ଏଭଳି ବର୍ଜିତ ଖାଦ୍ୟ ସେବନ କରନ୍ତି ସେମାନଙ୍କ ପିତୃପୁରୁଷ ଦୁଃଖୀ ହୁଅନ୍ତି। ଏହା ଗୃହର ସୁଖ-ଶାନ୍ତି ଆଣିବାରେ ବାଧା ସୃଷ୍ଟି କରେ। ପରିବାର ସଦସ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ପିତୃପୁରୁଷଙ୍କ କୃପା ବିନା ଅନ୍ୟ ଦେବଦେବୀଙ୍କ କୃପା ବି ମିଳିବା ସମ୍ଭବ ହୁଏନି। ଶ୍ରାଦ୍ଧରେ ଗଙ୍ଗାଜଳ, ଦୁଗ୍ଧ, ମହୁ, କୁଶ ଓ ତିଳ ଜରୁରୀ। ପୂଜାରେ ଏହା ଉପଯୋଗ କରାଗଲେ ପିତୃପୁରୁଷ ଶାନ୍ତି ପାଆନ୍ତି। ଶାସ୍ତ୍ର ଅନୁସାରେ, ତୁଳସୀ ଅର୍ପଣ କଲେ ପିତୃଗଣ ସନ୍ତୁଷ୍ଟ ହୁଅନ୍ତି। ଶ୍ରାଦ୍ଧ ପକ୍ଷରେ ପୂଜାରେ ସୁନା, ରୂପା, କଂସା, କିମ୍ବା ତମ୍ବା ପାତ୍ର ବ୍ୟବହାର କରନ୍ତୁ। ଏହା ଅଭାବରେ ପିତ୍ତଳ ଉପଯୋଗ କରିପାରିବେ। କଦଳୀ ପତ୍ରରେ ଶ୍ରାଦ୍ଧରେ ଭୋଜନ କରନ୍ତୁ। ରେଶମ, କମ୍ବଳ, ଉଲ, କାଠ କିମ୍ବା କୁଶାସନ ଶ୍ରାଦ୍ଧ ଲାଗି ଶ୍ରେଷ୍ଠ। ଆସନରେ ଲୁହା କୌଣସି ପ୍ରକାରରେ ଉପଯୋଗ ହେବା ଉଚିତ ନୁହେଁ। ପିତୃପୁରୁଷଙ୍କ ଲାଗି ଅର୍ଘ୍ୟ ଦେବା ଆବଶ୍ୟକ। ଅର୍ଘ୍ୟ ଦେବା ସମୟରେ ଡାହାଣ ହାତ ଆଙ୍ଗୁଳିରେ ଜଳ ଅର୍ପଣ କରିବା ଉପରେ ଧ୍ୟାନ ଦେବାଲାଗି ଶାସ୍ତ୍ରରେ କୁହାଯାଇଛି।



ପ୍ରେତ ଏବଂ ପିତରମାନଙ୍କ ନିମନ୍ତେ ନିଜର ପ୍ରିୟଭୋଜନକୁ ଯେଉଁ କର୍ମ କ୍ରିୟା ମାଧ୍ୟମରେ ଶ୍ରଦ୍ଧା ଓ ଭକ୍ତିର ସହିତ ଅର୍ପଣ କରାଯାଇଥାଏ ତାହାକୁ ଶ୍ରାଦ୍ଧ କୁହନ୍ତି। ପିତୃଗଣ ନ୍ୟାୟମାର୍ଗରେ ପବିତ୍ର ଜଳ, ପବିତ୍ର ଅନ୍ନର କାମନା କରିଥାନ୍ତି। ଅସତ୍ ଉପାୟରେ ଉପାର୍ଜନ କରାଯାଇଥିବା ଧନ ଦ୍ୱାରା ଶ୍ରାଦ୍ଧ କଲେ ସେମାନେ ତୃପ୍ତି ଲାଭ କରନ୍ତି ନାହିଁ ବରଂ ଅସନ୍ତୁଷ୍ଟ ହୋଇ ଶାପ ଦିଅନ୍ତି। ସମ୍ବଳ ଅଭାବରେ ପିତୃଗଣଙ୍କୁ କେବଳ ଜଳାଞ୍ଜଳି ଦେଇଦେଲେ ବା କେବଳ ଭକ୍ତିପୂତ ପ୍ରଣାମ କରିଦେଲେ ମଧ୍ୟ ସେମାନେ ସନ୍ତୋଷ ଲାଭ କରିଥାନ୍ତି। ଭଗବାନ ଶ୍ରୀରାମଚନ୍ଦ୍ର ଯେତେବେଳେ ୧୪ ବର୍ଷ ବନବାସରେ ଥିଲେ ସେତେବେଳେ ସେ ମହାରାଜା ଦଶରଥଙ୍କୁ ପ୍ରଣାମ କରି ତର୍ପଣ ଉଦ୍ଦେଶ୍ୟରେ କହିଥିଲେ, ହେ ପିତା ଏବଂ ପିତୃଗଣ, ମୋ ପାଖରେ ଶ୍ରାଦ୍ଧ କରିବା ନିମନ୍ତେ ନା କ୍ଷମତା ଅଛି, ନା ଧନ ଅଛି ନା ଅନ୍ୟ ସାମଗ୍ରୀ ଅଛି। ତେଣୁ ମୁଁ ମୋର ପୂଜ୍ୟ ପିତୃଗଣଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ବାରମ୍ବାର ପ୍ରଣାମ କରୁଛି। ସେମାନେ ମୋର ଭକ୍ତି ହିଁ ତୃପ୍ତି ଲାଭ କରନ୍ତୁ ଓ ମୋତେ ଆଶୀର୍ବାଦ



କରନ୍ତୁ। ମୁଁ ଆଜି ବାୟୁ, ପୃଥିବୀ ଓ ଆକାଶକୁ ସାକ୍ଷୀ ରଖି ମୋର ଦୁଇ ବାହୁ ଉଠାଇ ପିତୃଗଣଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରୁଅଛି। ଯେକୌଣସି ଶୁଦ୍ଧ, ପବିତ୍ର ସ୍ଥାନରେ ପବିତ୍ର ବସନରେ ପବିତ୍ର ଜଳ ଅନ୍ନଦ୍ୱାରା ହିଁ ଶ୍ରାଦ୍ଧ କର୍ମ କରାଯାଇଥାଏ। ତେବେ ଶ୍ରାଦ୍ଧ ନିମନ୍ତେ ନିଜର ବାସଗୃହ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି। କାରଣ ହିନ୍ଦୁ ଧର୍ମଗ୍ରନ୍ଥରେ ଲେଖାଅଛି ଯେ, ନିଜ ଗୃହରେ କରାଯାଇଥିବା ଯେକୌଣସି ମାଙ୍ଗଳିକ ବା ପବିତ୍ର କର୍ମରେ ତୀର୍ଥର ଆଠଗୁଣା ଫଳ ମିଳିଥାଏ। ଶ୍ରାଦ୍ଧ ଅନେକ ପ୍ରକାରର। ସେମାନଙ୍କ ମଧ୍ୟରେ ପ୍ରମୁଖ ହେଲା-**ଏକୋଦ୍ଦିଷ୍ଟ ଶ୍ରାଦ୍ଧ:** ଏହା ନିଜର କୌଣସି ଏକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। **ପାର୍ବଣ ଶ୍ରାଦ୍ଧ:** ଏହା ପିତା, ପିତାମହ ଏବଂ ପ୍ରପିତାମହଙ୍କ ସହିତ ମାତା ଅଜା, ଆଈଙ୍କ ନିମନ୍ତେ ଏକ ସଙ୍ଗରେ କରାଯାଇଥାଏ। ଏଥିରେ ପିତାମାତା ବସୁ ରୂପରେ, ଜେଜେବାପା ଜେଜେମା ରୁଦ୍ର ରୂପରେ ଏବଂ ଅଣ ଜେଜେବାପାମା ଆଦିତ୍ୟ ରୂପରେ ପୂଜା ପାଆନ୍ତି। **କାମ୍ୟ ଶ୍ରାଦ୍ଧ:** କୌଣସି ବିଶେଷ କାମନା ବା ଇଚ୍ଛା ପୂର୍ତ୍ତି ନିମନ୍ତେ ଏହି ଶ୍ରାଦ୍ଧ କରାଯାଏ। **ନାନ୍ଦିମୁଖ ଶ୍ରାଦ୍ଧ:** ବିବାହ ଅଥବା ପୁତ୍ର କନ୍ୟା ଜନ୍ମାଦି ସଂସ୍କାର କର୍ମରେ ପିତୃ ପୁରୁଷଙ୍କ ଆଶୀର୍ବାଦ କାମନା କରି ଏହି ଶ୍ରାଦ୍ଧ କରାଯାଏ। **ଶୁଦ୍ଧି ଶ୍ରାଦ୍ଧ:** ଏଥିରେ କୌଣସି ପ୍ରକାର ଶୁଣି ନିମନ୍ତେ ପିତୃଗଣଙ୍କୁ ଆବାହନ କରି ଶ୍ରାଦ୍ଧ କରାଯାଇଥାଏ। ଦୈନିକ ଶ୍ରାଦ୍ଧ: ଏହା ଦେବଗଣଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ କରାଯାଏ। **ମହାଳୟା ଶ୍ରାଦ୍ଧ:** ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଏହି ପବିତ୍ର ଶ୍ରାଦ୍ଧ କରାଯାଇଥାଏ। ଯେଉଁ ପିତୃଗଣଙ୍କ ମୃତ୍ୟୁର ନିର୍ଦ୍ଦିଷ୍ଟ ଦିନ ବା ତାରିଖ ଜଣାନାହିଁ ଯେଉଁ ପିତୃପୁରୁଷଗଣ ବଂଶହୀନ ହୋଇ ମୃତ୍ୟୁବରଣ କରିଛନ୍ତି ଏବଂ ଯେଉଁ ପିତୃପୁରୁଷଗଣଙ୍କ ସମ୍ପର୍କରେ ଆମକୁ ସବିଶେଷ ତଥ୍ୟ ଜଣାନାହିଁ, ସେମାନଙ୍କ ଆତ୍ମାର ତୃପ୍ତି ନିମନ୍ତେ ଏହି ମହାଳୟା ଶ୍ରାଦ୍ଧ କରାଯାଇଥାଏ। ଭାରତରେ ଶ୍ରାଦ୍ଧକର୍ମ, ପିଣ୍ଡଦାନ ଏବଂ ଅସ୍ଥି ବିସର୍ଜନ ନିମନ୍ତେ ଏକାଧିକ ପବିତ୍ର ସ୍ଥାନ ରହିଛି। ଯଥା ଚକ୍ରତୀର୍ଥ ପୁରୀ, ବିରଜାକ୍ଷେତ୍ର ଯାଜପୁର, ଗୟା, ବନାରସ, ତୀର୍ଥରାଜ ପ୍ରୟାଗ, ବଦ୍ରିନାଥ, କେଦାରନାଥ, କୁରୁକ୍ଷେତ୍ର, ମାନସରୋବର, ଦ୍ୱାରକା, ଉଜ୍ଜୟିନୀ, ତିରୁପତି, କନ୍ୟାକୁମାରୀ, ଶ୍ରୀଶୈଳମ୍, ରାମେଶ୍ୱରମ୍ ଏବଂ କାବେରୀ-ଗୋଦାବରୀତଟ।

# କଂଗ୍ରେସ ସେବାଦଳ ପକ୍ଷରୁ ସ୍ମୃତି ସମ୍ମାନ ସମାରୋହ

ଭୁବନେଶ୍ୱର (ପିଏନ୍)-ଭାରତ ଯୋଡ଼ୋ ଯାତ୍ରାର ନେତୃତ୍ୱ ନେଉଥିବା ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଜଣାଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଦୋଳଗୋବିନ୍ଦ ପ୍ରଧାନଙ୍କ ଚତୁର୍ଥ ସ୍ମୃତିଚାରଣ ଉତ୍ସବରେ ଓଡ଼ିଶାର ୪ଜଣ ସମର୍ପିତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ୧୭ଜଣ ସେବାଦଳ ନିଷ୍ଠାପର କର୍ମୀଙ୍କୁ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ-୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ରାଜ୍ୟ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ ସ୍ୱର୍ଗତଃ ଦୋଳଗୋବିନ୍ଦଙ୍କ ଭଳି ଜଣେ ସଂକଳ୍ପସିଦ୍ଧ ମଣିଷ ଆଜିର ସମାଜରେ ବିରଳ। ତାଙ୍କର ସମଗ୍ର ଜୀବନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଗଢ଼ା। ବ୍ରହ୍ମପୁର ସ୍ୱତନ୍ତ୍ର କାରାଗାରରୁ ମୁକ୍ତି ପାଇଲା ପରେ, ଜେଲ ଭିତରେ ଶିକ୍ଷାଲାଭ କରିଥିବା ସମସ୍ତ ରଚନାତ୍ମକ କାର୍ଯ୍ୟକୁ ସେ ତାଙ୍କ ଗାଁରୁ ପ୍ରୟୋଗ ଆରମ୍ଭ କରି ସଫଳ ହେଲେ। ଯାହାଫଳରେ ୱାର୍ଡମେମ୍ବରରୁ ମନ୍ତ୍ରୀ ଆସନ ଅଳଙ୍କୃତ କରିପାରିଥିଲେ। କିନ୍ତୁ ଗର୍ବ ଓ ଅହଂକାର ତାଙ୍କୁ ସ୍ପର୍ଶ କରିପାରିନଥିଲା। ନିଖିଳ ଭାରତ କଂଗ୍ରେସ ସେବାଦଳର ଟ୍ରେନିଂ ଅଧିକାରୀ ଅଜିତ କୁମାର ଆଗାମୀ ଭାରତ ଯୋଡ଼ କାର୍ଯ୍ୟକ୍ରମରେ କଂଗ୍ରେସ ସେବାଦଳର ଭୂମିକା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ସଂଗ୍ରାମୀ ଦୋଳଗୋବିନ୍ଦଙ୍କୁ ଜଣେ କଂଗ୍ରେସ ସମର୍ପିତ ପ୍ରାଣ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ଗାନ୍ଧୀ ମଣିଷ ଦୋଳଗୋବିନ୍ଦଙ୍କୁ ଜଣେ ଯୋଗୀପୁରୁଷ ଭାବେ ତାଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ, ଶ୍ରୀ ଶିବାନନ୍ଦ ରାୟ, ଶ୍ରୀ ନକୁଳ ଚନ୍ଦ୍ର ମଲ୍ଲିକ, ଶ୍ରୀ ଗଣେଶ୍ୱର ବେହେରା, ଶ୍ରୀ ଜ୍ଞାନଦେବ ବେହୁରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ମନୋରଂଜନ ଦାଶ, ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ସଂଗ୍ରାମୀ ଦୋଳଗୋବିନ୍ଦ ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ, ଶ୍ରୀ ବିଧାନ ଚନ୍ଦ୍ର ରାୟ, ଶ୍ରୀ କିଶୋର ଜେନା, ଶ୍ରୀ ଅଶୋକ କୁମାର ସିଂହ, ଶ୍ରୀ ଜ୍ୟୋତିଷ କୁମାର ସାହୁ, ଶ୍ରୀ କରୁଣାକର କର, ଶ୍ରୀ ରାମକୃଷ୍ଣ ପରିଡ଼ା, ଶ୍ରୀ ରବିନ୍ଦ୍ର




କୁମାର ରାଉତ, ଶ୍ରୀ ସୀତାବଲ୍ଲଭ ମହାପାତ୍ର, ସୁଶ୍ରୀ ରିତା ମଲ୍ଲିକ, ଶ୍ରୀ କିଶୋର କାପୁର, ଶ୍ରୀ ବସନ୍ତ କୁମାର ସାମଲ, ଶ୍ରୀ ପ୍ରଫୁଲ୍ଲ ପାଢ଼ୀ, ଶ୍ରୀ ରବିନ୍ଦ୍ର କୁମାର ସାବୁତ, ଶ୍ରୀ ମୁନୁ ସରାଫ, ଶ୍ରୀ ଲଳିତ କୁମାର ଡାଲୁଆ, ଶ୍ରୀ ବିପିନ ବିହାରୀ ନାୟକ, ଶ୍ରୀ ଜବାହର ଜେନା, ଶ୍ରୀ ଆଶିଷ କୁମାର ପତି, ଶ୍ରୀ ଅବଦୁଲ କୁଦୁସ, ଶ୍ରୀ ମୁନା ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ସେବାଦଳ କାର୍ଯ୍ୟକର୍ତ୍ତା ଶ୍ରୀ ମହମ୍ମଦ ଶାହାଦୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପାତ୍ରପଡ଼ାସ୍ଥ ବନ୍ୟ ଓ ପଶୁ ସଂପଦ ବିଭାଗର ସ୍ମୃତି ବନଠାରେ ସ୍ମୃତି ବୃକ୍ଷର ପୂଜା କରାଯାଇଥିଲା। ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ରଶ୍ମିରେଖା ପରିଡ଼ା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସଂଗ୍ରାମୀ ଦୋଳଗୋବିନ୍ଦଙ୍କ ପୁତ୍ର ସର୍ବଶ୍ରୀ ଦେବରାଜ ପ୍ରଧାନ, ପୁଷ୍ପରାଜ ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ ଓ ପ୍ରଜ୍ଞାରାଜ ପ୍ରଧାନ ଏବଂ ମୁକେଶ ପ୍ରଧାନ ସହଯୋଗ କରିଥିଲେ। କଂଗ୍ରେସ ସେବାଦଳର କାର୍ଯ୍ୟକର୍ତ୍ତା କୁଳମଣି ସାହୁ, ଛବି ମହାନ୍ତି, ସମାଜସେବୀ ବରୁଣ ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଦାତାଙ୍କ ଉତ୍ସବରେ ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ

ଭୁବନେଶ୍ୱର (ପିଏନ୍): ଦୁଇବର୍ଷର ବ୍ୟବଧାନ ପରେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ସ୍ମାର୍ଟନଗରୀ ଭୁବନେଶ୍ୱର ସମେତ ରାଜଧାନୀ ଉପକଣ୍ଠରେ ମହାଆଡ଼ମ୍ବର ରୂପେ ପାଳନ ହୋଇଥିବା ସମୟରେ ରାଜଧାନୀ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା। ଗଳିକନ୍ଦିରେ ରଙ୍ଗୀନ ଆଲୋକମାଳା ସହ ସୁସଜ୍ଜିତ ତୋରଣରେ ଝଲସୁଥିବା ବେଳେ ଯୁବ ଅନୁଷ୍ଠାନ, କ୍ଲବ ଇତ୍ୟାଦିଗୁଡ଼ିକ ଉତ୍ସବମୁଖର ହୋଇ ଉଠିଥିଲା। ସବୁଠି ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳୁଥିବା ବେଳେ ସହରର କିଛି ସାମାଜିକ କର୍ମୀ ଏକତ୍ରିତ ହୋଇ ଏହି ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ଉତ୍ସବରେ ସହର ଉପକଣ୍ଠରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୃଷ୍ଣନଗରର ୪୫ଜଣ ଗରିବ ଆଦିବାସୀ ବିଦ୍ୟାର୍ଥୀଙ୍କୁ ଖାତା, ପେନ୍‌ସିଲ୍, ରବର୍, ପେନ୍ ଇତ୍ୟାଦି ପାଠ୍ୟ ଉପକରଣ ଯୋଗାଇ ଦେଇଛନ୍ତି। ଯାହା ସେମାନଙ୍କୁ ପାଠ ପଢିବାରେ ବେଶ୍ ସହାୟକ ହୋଇପାରିବ ବୋଲି କର୍ମୀମାନେ ମତପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ବିଦ୍ୟାଳୟର ଶିକ୍ଷକ ତ୍ରୈଲୋକ୍ୟନାଥ ପାତ୍ର, ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ବାପିନା ନାୟକ ପ୍ରମୁଖ ଉପସ୍ଥିତ ରହି ପାଠ୍ୟ ଉପକରଣ ବଣ୍ଟନରେ ସହଯୋଗ କରିଥିଲେ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୨୩

# ଏବେବି ସମୟ ଅଛି



ଭାସ୍କର ବାରିକ୍

ଅଳ୍ପଦିନ ତଳେ ଭୁବନେଶ୍ୱରରେ ଜଣେ ଖୁବ୍ ଉଚ୍ଚ ଶିକ୍ଷିତ ଓ ବିଜ୍ଞ ଅନ୍ତରଙ୍ଗ ବଡ଼ ଭାଇଙ୍କ ସହିତ କଥା ହେଲାବେଳେ ସେ ମୋତେ ଗୋଟିଏ ସୁନ୍ଦର କାହାଣୀ କହିଥିଲେ ଯାହା ବର୍ତ୍ତମାନ ନିର୍ବାଚନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଉପାଦେୟ ବୋଲି ମନେହୁଏ । ଭାଇ କହିଥିବା କାହାଣୀର ଲେଖକ କିଏ ସେକଥା ବି ମୋତେ ଜଣାନାହିଁ। ଭାଇ ମୋର ପେଶାରେ ଜଣେ ଅଧ୍ୟାପକ , ବୟସ ପାଖାପାଖି ଷାଠିଏ ଛୁଇଁଲାଣି । କିନ୍ତୁ ମନରେ ଭାଇ ଆମର ସବୁବେଳେ ଯୁବକ । ଯେହେତୁ ଇଂରାଜୀ ସାହିତ୍ୟରେ ଭାଇ ଅନେକ ଗବେଷଣା କରିଛନ୍ତି ଓ +୩ ର ପିଲାମାନଙ୍କୁ ପାଠ ପଢାନ୍ତି ଓ ଯୁବ ସମାଜ ସହିତ ସମୟ ବିତାନ୍ତି, ମୋତେ ଲାଗେ ଅଧ୍ୟାପକ ଭାଇ ମୋର ଚିର ସବୁଜ । ଭାଇଙ୍କ ସହିତ ମୋର ଦୀର୍ଘଦିନର ସମ୍ପର୍କ । ଜୀବନରେ ପ୍ରଥମେ ଲେଖାଲେଖି କଲାବେଳେ ଭାଇ ମୋ ଲେଖା ଆଗ ପଢୁଥିଲେ ଓ ଲେଖା କେମିତି ଅଧିକ ଶାଣିତ ହେବ, ସେଥିପାଇଁ ସୁନ୍ଦର ମତାମତ ଦେଉଥିଲେ । ଏବେବି ଭାଇ ମୋ'ର ମୋତେ ଗାଇଡ୍ କରନ୍ତି ମୋ ଲେଖାରେ ଉନ୍ନତି ଆଣିବା ପାଇଁ । ଘଣ୍ଟା ଘଣ୍ଟା ଧରି ଅନର୍ଗଳ ଇଂରାଜୀରେ କଥା ହେଇ ପାରନ୍ତି ସେ । ଓଡ଼ିଆ ସାହିତ୍ୟରେ ବି ଖୁବ୍ ପାଣ୍ଡିତ୍ୟ । ଚମତ୍କାର ବ୍ୟକ୍ତିତ୍ୱ ସତରେ । ହଁ, ସେ କହିଥିବା କାହାଣୀ ଉପରେ ଏବେ ଟିକେ ଆଲୋଚନା କରିବା । ଗୋଟେ ପଂଚାୟତକୁ ଏକଦା ଏକ କମ୍ପାନୀ ଆସିଲା । ସେହି କମ୍ପାନୀ ବିଭିନ୍ନ ଖବରକାଗଜରେ ଲେଖା ପ୍ରକାଶ କଲା ଯେ ଯେଉଁ ବ୍ୟକ୍ତି ଗୋଟେ କୁକୁର ଆଣି କମ୍ପାନୀକୁ ଦେବ, ସେହି ବ୍ୟକ୍ତି ଶହେ ଟଙ୍କା ପାଇବ । ଯିଏ ଯେତେଟା କୁକୁର ଆଣିଦେବ,ସେତେ ଶହେ ଟଙ୍କା ପାଇବ । ସେହି ଅନୁସାରେ ପଂଚାୟତର ଲୋକମାନେ କୁକୁର ଧରି କମ୍ପାନୀକୁ ଦେଲେ ଓ ପଇସା ପାଇଲେ । କିଛି ଦିନ ପରେ ପୁଣି କମ୍ପାନୀ ବିଜ୍ଞାପନ ଛାପିଲା ଯେ , ପ୍ରତି କୁକୁର ପାଇଁ କମ୍ପାନୀ ଦୁଇଶହ ଟଙ୍କା ଦେବ । ଲୋକମାନେ କୁକୁର ଧରିଲେ ଅଧିକ ଉତ୍ସାହିତ ହୋଇ ଓ ପଇସା ପାଇଲେ । ପୁଣି ତୃତୀୟ ଥର ପାଇଁ କମ୍ପାନୀ ବିଜ୍ଞାପନ ଛାପିଲା ଯେ ଏଥର ଯେଉଁ ବ୍ୟକ୍ତି କୁକୁର ଆଣି କମ୍ପାନୀକୁ ଦେବ, ପ୍ରତି କୁକୁର ପାଇଁ କମ୍ପାନୀ ତିନିଶହ ଟଙ୍କା ଦେବ । ସେତେବେଳକୁ ଆଉ ପଂଚାୟତରେ କୁକୁର ପ୍ରାୟତଃ ନଥିଲେ କାରଣ ଅର୍ଥ ଲାଳସାରେ ଲୋକମାନେ ସବୁ କୁକୁର ଧରି କମ୍ପାନୀକୁ ଦେଇ ଦେଇଥିଲେ । କମ୍ପାନୀ ସବୁ କୁକୁରଙ୍କୁ ସାଇତି ରଖିଥାଏ । ପୁଣି ଆଉ ଏକ ବିଜ୍ଞାପନ କମ୍ପାନୀ ଖବରକାଗଜ ମାନଙ୍କରେ ଛାପିଲା ଯେ, ପ୍ରତି କୁକୁର ପାଇଁ କମ୍ପାନୀ ଦୁଇ ହଜାର ଟଙ୍କା ଦେବ । ଅର୍ଥ ଲାଳସାରେ ପାଗଳ ଲୋକମାନେ କୁକୁର ଖୋଜିବାରେ ପୁଣି ଲାଗି ପଡିଲେ ଶହେଗୁଣ ଉତ୍ସାହିତ ହୋଇ କିନ୍ତୁ ଆଉ କୁକୁର ପାଇଲେନି । ଏହି ସୁଯୋଗର ଫାଇଦା ନେଲେ କମ୍ପାନୀର ପରିଚାଳକ । ଲୋକମାନଙ୍କୁ କହିଲେ,କମ୍ପାନୀର ମାଲିକ କୋଡ଼ିଏ ଦିନ ପାଇଁ ବିଦେଶକୁ ଯାଇଛନ୍ତି । ଆପଣମାନେ କମ୍ପାନୀରୁ କୁକୁର ପ୍ରତି ପନ୍ଦର ଶହ ଟଙ୍କା ଦେଇ କିଣି ନିଅନ୍ତୁ, ମାଲିକ ଆସିଲେ ଆପଣମାନେ ଗୋଟିଏ କୁକୁରକୁ ଦୁଇ ହଜାର ଟଙ୍କାରେ କମ୍ପାନୀର ବିଜ୍ଞାପନ ଅନୁସାରେ କମ୍ପାନୀକୁ ବିକିବେ ଓ ପ୍ରତି କୁକୁର ପାଇଁ ପାଂଚ୍ ଶହ ଲାଭ ପାଇବେ । ଲୋକମାନେ ତ ପଇସାର ମଜା ପାଇଛନ୍ତି ଆଗରୁ । ପରିଚାଳକଙ୍କ କଥା ଉପରେ ବିଶ୍ୱାସ କରି ଲୋକମାନେ ନିଜର ସୁନା ଗହଣା ବିକି ଓ ଗଚ୍ଛିତ ଅର୍ଥ ବିନିଯୋଗ କରି କମ୍ପାନୀରୁ ଦଶ ପନ୍ଦରଟି ଲେଖାଏଁ କୁକୁର କିଣି ଘରକୁ ନେଇ ଆସିଲେ । କିଛି ଦିନ ଗଲା । କୋଡ଼ିଏ ଦିନ ପରେ ଲୋକମାନେ ଆଉ କମ୍ପାନୀ ତରଫରୁ କିଛି ଖବର ପାଇଲେ ନାହିଁ । କମ୍ପାନୀର କାର୍ଯ୍ୟାଳୟକୁ ଗଲେ । ଦେଖିଲା ବେଳକୁ କମ୍ପାନୀ ନାହିଁ , ମାଲିକ ନାହିଁ, ପରିଚାଳକ ନାହିଁ,ଅଫିସ୍ ନାହିଁ କି କର୍ମଚାରୀ ନାହାଁନ୍ତି । ପରିଚାଳକ ତିନିଶହ ଟଙ୍କାରେ କୁକୁର କିଣି ପନ୍ଦର ଶହ ଟଙ୍କାରେ ଲୋକଙ୍କୁ ବିକି ପ୍ରଚୁର ଲାଭଖାଇ ଫେରାର । ପଂଚାୟତରେ ସବୁ ଲୋକମାନଙ୍କ ଘରେ ଖାଲି କୁକୁର ଆଉ କୁକୁର , ଭୋ ଭୋ ଗର୍ଜନ। ପଂଚାୟତ ଉଠୁଛି ପଡୁଛି । ସମସ୍ତେ ବ୍ୟସ୍ତ ବିବ୍ରତ, କିନ୍ତୁ ଆଉ କିଛି ହେବାର ନାହିଁ । ଏହି କଥାଟି ସେହି ଭୋଟର ଭାଇ ଭଉଣୀ ମାନଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନେ ଟଙ୍କା ,ମଦ ଲୋଭରେ ମୁଖା ଟାଉଟର ନେତା ମାନଙ୍କ ଦ୍ୱାରା ବାରମ୍ବାର ବାଟବଣା ହୋଇ ପରେ ଛଳନା ଓ ଶୋଷଣର ଶିକାର ହୁଅନ୍ତି । ଅଭିଯୋଗ କରନ୍ତି , ଏ ଦେଶକୁ ନେତା ମନ୍ତ୍ରୀ ଖାଇଗଲେ । ଭୋଟ୍ ଦେଲାବେଳେ ନିଜର ବୁଦ୍ଧି ବିବେକ ହଜେଇ ମାଉଁସ ଭାତ ଭୋଜିରେ ଆପ୍ୟାୟିତ ହୋଇ କେଇ ଶହ ଟଙ୍କା ନେଇ ଆମେ ଭୋଟ୍ ଦେଲେ, ଆମର ଆଉ କେଉଁ ଅଧିକାର ରହିଲା ନେତାଙ୍କୁ ମୁଣ୍ଡ ଉଠେଇ ପ୍ରଶ୍ନ ପଚାରିବାକୁ । ଆମେ ପରା କେଇ ଶହ ଟଙ୍କାରେ ମୁଣ୍ଡ ବିକି ଦେଇଛନ୍ତି । ଆମ ପାଇଁ ଦେଶ ବଡ଼ ହେଲାନି, ଟଙ୍କା ବଡ଼ । ନିର୍ବାଚନର ପୂର୍ବ ରାତିରେ କ'ଣ ହୁଏ ଏ ଦେଶରେ ସମସ୍ତେ ଜାଣନ୍ତି , କିନ୍ତୁ ସବୁ ଚୁପ୍, ଗାନ୍ଧୀଙ୍କ ତିନି ମାଙ୍କଡ଼ର ଅଭିନୟ । ୨୦୨୪ ନିର୍ବାଚନରେ ଆମକୁ ଆମ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ । ଏ ମହାନ ଦେଶର ସୁରକ୍ଷା ,ଗୋ ?ରବମୟ ଇତିହାସ, ଧର୍ମ ,ଐତିହ୍ୟ, ପରମ୍ପରା, କଳା ସଂସ୍କୃତି,ଭାସ୍କର୍ଯ୍ୟ, ପ୍ରଥା ପରମ୍ପରା , ସମ୍ମାନ ଓ ସ୍ୱାଭିମାନକୁ ଯେଉଁ ବ୍ୟକ୍ତି ସୁରକ୍ଷିତ କରି ରଖି ପାରିବ, ଲୋକଙ୍କ ସୁଖଦୁଃଖରେ ସାମିଲ୍ ହେଇ ପାରୁଥିବ,ସେମିତି ଦେଶପ୍ରେମୀଙ୍କୁ ଆମେ ସମସ୍ତେ ଭୋଟ୍ ଦେବା । ଦେଶର ଉନ୍ନତି ପ୍ରଗତି ହେଲେ, ବ୍ୟକ୍ତିର ମର୍ଯ୍ୟାଦା ବୃଦ୍ଧିହେବା ସହିତ ନିଶ୍ଚୟ ସବୁ କ୍ଷେତ୍ରରେ ଉନ୍ନତି ହେବ । ଟଙ୍କା ନେଇ, ମଦ ପିଇ, ମାଉଁସ ଖାଇ ଆଖି ବନ୍ଦ କରି ଭୋଟ୍ ଦେଲେ, ଦେଶର ଓ ସମାଜର ଅମଙ୍ଗଳ ହେବ । ଏବେବି ସମୟ ଅଛି, ଆମେ ଗଭୀର ଭାବରେ ଚିନ୍ତା କରିବା। ଟଙ୍କା ନେଇ ମୁର୍ଖ, ଅପାଠୁଆ,ହଜାରେ କଳା ଦାଗ ଲାଗିଥିବା ବ୍ୟକ୍ତିଙ୍କୁ ଭୋଟ୍ ଦେବା ନା ଦେଶର ଭବିଷ୍ୟତ ପାଇଁ ଯାହା ଭଲ ସେହି ଅନୁସାରେ କାମ କରିବା । ଚିନ୍ତା କରିବା ଆମ ପାଇଁ କେଉଁଟା ବଡ଼, ଟଙ୍କା ନା ଦେଶ । ଭୋଟଦାନ ବେଳେ ମନେ ରଖିବା, ଦେଶ ବୁଡ଼ିଲେ,ଆମେ ବୁଡ଼ିବା । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଆଖି ବୁଜି ଦେଲେ,ଦେଶ ଭାସିଯିବ । ତେଣୁ ଏବେବି ସମୟ ଅଛି ସୁସ୍ଥ ମାନସିକତା ଓ ମସ୍ତିଷ୍କରେ ଆମେ ଭାବିଚିନ୍ତି ଭଲ ଲୋକଙ୍କୁ ଭୋଟ୍ ଦାନ କରିବା ୨୦୨୪ ନିର୍ବାଚନରେ, ଦେଶର ଓ ସମାଜର ମଙ୍ଗଳ ପାଇଁ କାମନା କରିବା ଓ ଆମ ଭବିଷ୍ୟତ ପିଢ଼ିକୁ ଶକ୍ତିଶାଳୀ କରିବା ସହିତ ଦେଶକୁ ଆଗକୁ ନେବା ।ଔରଙ୍ଗଜେବ , ମହମ୍ମଦ ଘୋରୀ, ମିର୍ଜାଫର ମାନଙ୍କୁ ବାଛିବା ନା ଭଗତ୍ ସିଂହ, ସୁବାଷ ବୋଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ , ଏ. ପି. ଜେ. ଅବଦୁଲ କଲାମଙ୍କୁ ବାଛିବା, ତାହା ନିର୍ଭର କରେ ଆମର ବିବେକ ଓ ଚିନ୍ତା ଶକ୍ତି ଉପରେ । ପଚାରନ୍ତୁ ନିଜର ବିବେକ ଓ ହୃଦୟକୁ ଥରୁଟିଏ , କେଉଁଟା ଠିକ୍ ଓ କେଉଁଟା ଭୁଲ୍ । କାଳ କୋଠରୀରେ ବନ୍ଦୀ ଥିବା ଇତିହାସକୁ ଥରେ ପଢନ୍ତୁ । ମନେ ପକାନ୍ତୁ ଥରେ କଳାପାଣି ଦଣ୍ଡ ଭୋଗିଥିବା ଅସଂଖ୍ୟ ଦେଶପ୍ରେମୀ ମାନଙ୍କର ବଳିଦାନକୁ, ସ୍ମରଣ କରନ୍ତୁ ଥରେ ଦେଶ ପାଇଁ ହସି ହସି ଫାଶି ଖୁଣ୍ଟରେ ଝୁଲି ଥିବା ଭାରତ ମାଆର ବୀର ସନ୍ତାନ ମାନଙ୍କୁ । କଥାରେ ଅଛି ,'ଚାଷୀ ହୁରୁଡିଲେ ବରଷେ, ମତଦାତା ହୁରୁଡିଲେ ପାଂଚ୍ ବରଷ ' । ଆମ ହାତର ବାଲଟ୍ ପେପର ଆମ ପାଇଁ ବୁଲେଟ ଠାରୁ ବହୁ ଗୁଣରେ ଅଧିକ ଶକ୍ତିଶାଳୀ ଅହଂକାରୀ ରାବଣ ମାନଙ୍କର ନିଧନ ପାଇଁ , ଦେଶର କିଛି ଦୁର୍ନୀତୀଖୋର ସର୍ବଗିଳା ନେତା ମାନଙ୍କୁ ଚୁପ୍ କରେଇବା ପାଇଁ ଓ ଶୋଷଣ କଷଣ ମୁକ୍ତ ସମାଜ ଗଠନ ପାଇଁ । ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ପାଇଁ ଭଲ ନେତୃତ୍ୱ ନିହାତି ଜରୁରୀ । ଅପାଠୁଆ, ମୁର୍ଖ, ମିଛୁଆ , ଅହଂକାରୀ , ତୁଷ୍ଟିକରଣ ପାଇଁ ଚେଷ୍ଟିତ,ବେପାରୀ ମନୋଭାବ ରଖୁଥିବା ନେତା ବାଛିଲେ ସର୍ବନାଶ ହେବା ସୁନିଶ୍ଚିତ । ଭୋଟ୍ ଦେବା ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଏହି କାଳଜୟୀ କେତେ ଧାଡ଼ି ମନେ ରଖିବା ,

'ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ' ।

ଚିନ୍ତା କଲେ , ହୃଦୟର ଭାଷା ଶୁଣିଲେ,ଠିକ୍ ଉତ୍ତର ନିଶ୍ଚିତ ମିଳିବ ଓ ଆମେ ସମସ୍ତେ ଠିକ୍ ଲୋକ ବାଛି ପାରିବା ୨୦୨୪ ନିର୍ବାଚନରେ । ମନେ ରଖନ୍ତୁ ଏବେବି ସମୟ ଅଛି ଆମ ହାତରେ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ପବିତ୍ର ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ ଓ ଗୁରୁ ପୂର୍ଣ୍ଣିମା



ଦଶରଥ ହେମ୍ବ୍ରମ୍

ହିନ୍ଦୁ ପ ାଙ୍ଗ ଅନୁସାରେ ପୂର୍ଣ୍ଣମୀ ହେଉଛି ଓଡିଆ ମାସର ଶେଷ ଦିନ ଏବଂ ବାରମାସ ମଧ୍ୟରୁ ବୈଶାଖ ମାସଟି ଆଦ୍ୟ ମାସ ଭାବରେ ଗଣନା କରାଯାଏ। ଚୈତ୍ରପୂର୍ଣ୍ଣମୀ ପରଦିନଠାରୁ ଆରମ୍ଭ ହୋଇ ବୈଶାଖ ପୂର୍ଣ୍ଣିମା ପର୍ଯ୍ୟ' ଏହି ପ୍ରଥମ ମାସର ଅବଧି, ଏହି ମାସର ଶେଷ ଦିନଟି ହେଉଛି ପବିତ୍ର ଚନ୍ଦନ ପୂର୍ଣ୍ଣିମା। ଏହି ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ। ଧର୍ମଶାସ୍ତ୍ର ଅନୁସାରେ, ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟ' ମୋଟ ୪୨ ଦିନ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟ' ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ରୂପରେ ଓ ପରବ ୀ ୨୧ ଦିନ ବ୍ୟାପୀ ଶ୍ରୀମନ୍ଦିରରେ ଭିତରେ ଚନ୍ଦନ ଯାତ୍ରା ପାଳିତ ହୋଇଥାଏ। ଏହି ଦିନଠାରୁ ଅଥଠାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିଭିନ୍ନ ଦାନଧର୍ମ ପୂଜାର୍ଚ୍ଚନା କରାଯାଏ। ଗୃହ ନିର୍ମାଣ, ଗୃହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ନିର୍ବନ୍ଧ, ଶ୍ରୀଜଗନ୍ନାଥଙ୍କ ରଥଗଢ଼ା ଆରମ୍ଭ ଓ ଚନ୍ଦନ ଯାତ୍ରାର ଆରମ୍ଭ ଏହିଦିନଠାରୁ ହୋଇଥିବାରୁ ଏହା ଏକ ପାରମ୍ପାରିକ ଗଣ ମହୋତ୍ସବ ମଧ୍ୟ କୁହାଯାଏ। ବର୍ଷସାରା ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ ବିଭିନ୍ନ ଲୀଳାଖେଳ ଲାଗି ରହିଥିବାରୁ କୁହାଯାଏ ଯେ, ବାର ମାସରେ ଅନୁଷ୍ଠିତ ହୁଏ ତେର ଯାତ।

ଚନ୍ଦନ ପୂର୍ଣ୍ଣିମାକୁ ବୌଦ୍ଧ ଗଣନାନୁସାରେ ଭଗବାନ ଗୌତମ ବୁଦ୍ଧଙ୍କ ଜନ୍ମ ଜୟ'ୀ ଭାବେ ଏହି ଦିନ ପାଳନ କରାଯାଏ। ଏହି ଦିନରେ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧ ଜନ୍ମଗ୍ରହଣ କରିଥିଲେ ତେଣୁ ଏହି ଦିନକୁ ବୌଦ୍ଧ ପୂର୍ଣ୍ଣିମା କୁହାଯାଏ। ବୌଦ୍ଧ ଧର୍ମାବଲମ୍ବୀମାନେ ପ୍ରତ୍ୟେକ ପୂର୍ଣ୍ଣିମାରେ ପ୍ରାର୍ଥନା ଓ ଧ୍ୟାନ ବ୍ୟତୀତ ସ୍ୱତନ୍ତ୍ର ଉପାସନା, ଆରାଧନା, ସାଧନା ଆଦି ଆଚରଣବିଧି ପାଇଁ ଉପବାସ ରହିଥାଁ। ବର୍ଷର ବାରଟିଯାକ ପୂର୍ଣ୍ଣିମା ତିଥି ସେମାନଙ୍କ ପାଇଁ ଏହା ଅତ୍ୟ' ପବିତ୍ର। ଏହି ପବିତ୍ର ତିଥିରେ ବୁଦ୍ଧତ୍ୱ ପ୍ରାପ୍ତ ଓ ନିର୍ବାଣ (ମୋକ୍ଷ) ପ୍ରାପ୍ତ ହୋଇଥିଲେ। ତାଙ୍କର ଶୀଳ, ସମାଧି, ପ୍ରଜ୍ଞା ଏବଂ ସତ୍ୟ, ଅହିଂସା ଓ କରୁଣାର ବାଣୀ ରାଷ୍ଟ୍ର, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ପ୍ରଭାବିତ କରିଥିବାବେଳେ ବୌଦ୍ଧଧର୍ମର ସିଦ୍ଧା' ଓଡ଼ିଶାର ଧର୍ମ, ସଂସ୍କୃତି, ସାହିତ୍ୟ ଓ ଆଚାରବ୍ୟବହାର କ୍ଷେତ୍ରରେ ପ୍ରୟୋଗ ହୋଇଆସିଅଛି। ପବିତ୍ର ପୂର୍ଣ୍ଣମୀ ଅବସରରେ ଓଡ଼ିଶାର ବିଭିନ୍ନ ଅ ଳରୁ ବୌଦ୍ଧ ଧର୍ମାବଲମ୍ବୀମାନେ ବୁଦ୍ଧ ପୂର୍ଣ୍ଣିମାରେ ଧଉଳିଗିରି ଓ ଭୁବନେଶ୍ୱରର ବୌଦ୍ଧ ବିହାରଠାରେ ବୁଦ୍ଧ ଜୟ'ୀ ପାଳନ ପାଇଁ ଏକତ୍ରିତ ହୁଅଁ ଏବଂ ନିର୍ବାଣ ବା ମୋକ୍ଷରେ ଚିର ଶାଁ ଓ ପରମ ଆନନ୍ଦ ପାଇଥାଁ ଜଣେ ସାଧକ। ନିରବତା ଓ ନିସ୍ତବ୍ଧତା ଧ୍ୟାନ ପାଇଁ ଏକା' ଆବଶ୍ୟକ ଯାହାକି ବୌଦ୍ଧ ସାଧନାର ମୂଳଭି ି। ସେହିପରି ପବିତ୍ର ବୈଶାଖ ପୂର୍ଣ୍ଣିମା ତିଥିରେ ସା'ାଳି ଭାଷାର ମହାନ ସାରସ୍ୱତ ସାଧକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଜୟ'ୀ ମଧ୍ୟ। ଏହି ଦିନକୁ ପବିତ୍ର ଗୁରୁ ପୂର୍ଣ୍ଣିମା କୁହାଯାଏ। ମାନବ ରୂପରେ ଇଶ୍ୱରଙ୍କ ଏକ ଭିନ୍ନ ଅବତାର ହୋଇଥିବାରୁ ତାଙ୍କ ଜନ୍ମ ଜୟ'ୀକୁ ତାରିଖ ପରିବ େ ପବିତ୍ର ଗୁରୁ ପୂର୍ଣ୍ଣିମାରେ ପାଳନ କରାଯାଉଛି।

ଭାଷାକୁ ନେଇ ପ୍ରତ୍ୟେକ ଜାତି ପରିଚୟ ପାଇଥାଏ। ଏହା ଜାତିର ଗର୍ବ ଏବଂ ଗୌରବ ଆଣିଥାଏ। ସମଗ୍ର ବିଶ୍ୱରେ ତା'ର ଅସ୍ତିତ୍ୱ ଏବଂ ଅସ୍ମିତା ଜାହିର କରିଥାଏ। ତେବେ ଆଦିବାସୀବର୍ଗ ମଧ୍ୟରୁ ସା'ାଳ ଜାତିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ପାଇଥିବା ବେଳେ ସା'ାଳୀ ଭାଷାରେ ଲେଖିବା କୌଣସି ଲିପି ନଥିଲା। ଫଳରେ ସା'ାଳମାନେ ସାମ୍ବିଧାନିକ ଅଧିକାରରୁ କିଛିବର୍ଷ ହେବ ବ ୍ତ ଥିଲେ। କିଁୁ ସା'ାଳ ସମାଜରେ ଜନ୍ମିତ ସେହି ମହାନ ସାରସ୍ୱତ ସାଧକଙ୍କ ଆପ୍ରାଣ ପ୍ରଚେଷ୍ଟା, ତ୍ୟାଗ ଏବଂ ସାଧନା ବଳରେ ୧୯୨୫ ମସିହାରେ 'ଅଲଚିକି' ଲିପି ଉଦ୍ଭାବନ ହୋଇ ସମଗ୍ର ଦେଶରେ ଇତିହାସ ସୃଷ୍ଟି ହୋଇପାରିଛି। ୧୯୦୫ ମସିହା ମଇ ମାସର ୫ ତାରିଖ ବୈଶାଖ ପୂର୍ଣ୍ଣିମାରେ ତାଙ୍କର ଜନ୍ମ। ପାର୍ଶୀ ସି ଚାନ୍ଦ ନାମରେ ସେ ପରିଚିତ ଅର୍ଥାତ ସା'ାଳୀ ସାହିତ୍ୟର ସୂର୍ଯ୍ୟଦେବତା, ତେଣୁ ସା'ାଳ ସମାଜରେ ସାହିତ୍ୟ କ୍ଷେତ୍ରରେ ସୂର୍ଯ୍ୟଙ୍କ ଅବତାର ରଘୁନାଥ ମୁର୍ମୁଙ୍କୁ ବିଶ୍ୱାସ କରାଯାଏ। ଏଥିପାଇଁ ସା'ାଳ ଲୋକମାନେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭଗବାନ (ବଙ୍ଗା) ଭାବି ପବିତ୍ର ଗୁରୁ ପୂର୍ଣ୍ଣିମାରେ ପୂଜାର୍ଚ୍ଚନା କରିଥାଁ। ପଲ୍ଲୀରୁ ଦିଲ୍ଲୀ ଯାଏଁ ସା'ାଳ ସମେତ ଅନ୍ୟମାନେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ କରି ଦୀପ, ଧୂପ ଏବଂ ଆଳତି ପ୍ରଦାନ କରିଥାଁ। ପୂଜାର୍ଚ୍ଚନା ସାରିବା ପରେ ସେ ଲେଖିଥିବା ତାଙ୍କର ଅମ୍ଳାନ କୃତିତ୍ୱ 'ଲାକଚାର ସେରେ' ସମସ୍ତେ ଏକାସାଙ୍ଗରେ ଗାନ କରିଥାଁ। ପବିତ୍ର ଜନ୍ମ ତିଥିରେ ପଣ୍ଡିତ ରଗୁନାଥ ମୁର୍ମୁଙ୍କ ଜୀବନୀ କାହାଣୀ ବିଷୟରେ ଆଲୋଚନା ହୁଏ। ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଆହ୍ୱାନ ଥିଲା - ଅଲ୍ ମେନାଃ ତାମା ରଲ୍ ମେନାଃ ତାମା, ଧରମ ମେନାଃ ତାମା ଆମ ହଁ ମେନାମ୍, ଅଲ୍ ଏମ୍ ଆଦ୍ ଲେରେ ରଲ୍ ଏମ୍ ଆଦ୍‌ଲେ, ଧରମ୍ ଏମ୍ ଆଦ୍ ଲେରେ ଆମ୍ ହମ୍ ଆଦଃ । ଅର୍ଥାତ୍, ତୁମ ଲିପି ଅଛି, ତୁମ ଭାଷା ଅଛି, ତୁମ ଧର୍ମ ଅଛି, ତୁମେ ମଧ୍ୟ ରହିଛ। ଲିପି ହଜିଲେ, ତୁମ ଭାଷା ହଜିବ, ଧର୍ମ ହଜିଲେ, ତୁମେ ମଧ୍ୟ ହଜିଯିବ। ଭାଷା ଓ ଧର୍ମକୁ ନେଇ ତାଙ୍କର ଏହିପରି ବାଣୀ ସମସ୍ତଙ୍କୁ ଜାଗ୍ରତ ଏବଂ ସଚେତନ କରିବାରେ ସେ ସକ୍ଷମ ହୋଇପାରିଥିଲେ। ବାସ୍ତବରେ ତାଙ୍କର ଅମ୍ଳାନ କୃତିତ୍ୱସବୁ ସୁସ୍ଥ ସମାଜ ଗଠନ ଏବଂ ଉ ମ ମଣିଷ ହେବାର ବା ାବିହନ କରେ ଓ ଦିଗଦର୍ଶନ ଦିଏ।

ସା'ାଳୀ ଭାଷା ଓ ଅଲଚିକି ଲିପିକୁ ଅଧିକ ପ୍ରଚାର ଓ ପ୍ରସାର ପାଇଁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରଚନା ପୁସ୍ତକ ଗୁଡିକ ହେଲା 'ଛେଲ୍ ଜପ୍ପ ଲାଗିଦ୍ ଅଲ୍, ଅଲ୍ ଚେମେଦ୍, ପାର୍ସିପୋହା, ପାର୍ସି ଅପାଦ, ଏଲ୍‌ଖା ପତବ୍ (ଗଣିତ ପୁସ୍ତକ) ଏବଂ ରନଳ (ବ୍ୟାକରଣ)। ସେହିଭଳି ସା'ାଳ ଜାତିକୁ ଏକ ସୂତ୍ରରେ ବାନ୍ଧିରଖିବା ପାଇଁ ନାଟ୍ୟ ପୁସ୍ତକଗୁଡ଼ିକ ହେଲା ବିଦୁ ଚାନ୍ଦାନ, ଦାଲେଗେ ଧନ୍, ଖେରୱାଳ ବୀର ଓ ସିଦ କାହ୍ନୁ ସା'ାଳ ହୁଲ୍। ଏହା ବ୍ୟତୀତ ସା'ାଳୀ ସଂସ୍କୃତି, ପରମ୍ପରା ଓ ଇତିହାସକୁ ଉଜ୍ଜୀବିତ କରିବା ପୁସ୍ତକ ଗୁଡିକ ହେଲା ହର୍ ସେରେ, ବାହା ସେରେ, ବାଖେଣ ବିଁ ଏବଂ ହିତାଲ ଆଦି। ହିତାଲ ପୁସ୍ତକକୁ ସା'ାଳୀରେ ଧର୍ମଗ୍ରନ୍ଥ ବୋଲି ଗ୍ରହଣ କରାଯାଏ। ତାଙ୍କର ଏହି ମହାନ୍ ଅବଦାନକୁ ସ୍ୱୀକୃତି ଦେଇ ଓଡ଼ିଶା ସାହିତ୍ୟ ଏକାଡେମିରୁ ୧୯୭୮ରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା। ଓଡିଶା ରାଜ୍ୟର ପ ମ ସରକାରୀ ଭେଷଜ ମହାବିଦ୍ୟାଳୟ ମଧ୍ୟ ତାଙ୍କ ନାମରେ ନାମିତ ହୋଇଛି। ସେହିପରି ପଶ୍ଚିମବଙ୍ଗ ସରକାର ମଧ୍ୟ ଦୁଇଟି ସରକାରୀ ମହାବିଦ୍ୟାଳୟକୁ ତାଙ୍କ ନାମରେ ନାମିତ କରିଛଁ।

ପଣ୍ଡିତ ରଘୁନାଥ ମୁର୍ମୁ କେବଳ ସା'ାଳୀ ଭାଷାର ଲିପିକୁ ସୃଷ୍ଟି କରିନାହାଁ ବରଂ ତା'ର ପ୍ରଚାର ଓ ପ୍ରସାର ପାଇଁ ଆଜୀବନ ବ୍ରତୀ ଥିଲେ। ତାଙ୍କର ପ୍ରଚେଷ୍ଟାରେ ସମଗ୍ର ରାଜ୍ୟ ତଥା ଦେଶରେ ସା'ାଳୀ ଭାଷାର କାୟା ବିସ୍ତାର କରିଚାଲିଛି କହିଲେ ହୁଏତ ଭୁଲ ହେବନାହିଁ। ସେ ଥିଲେ ସା'ାଳୀ ଭାଷାର ମାର୍ଗଦର୍ଶକ, ସ୍ରଷ୍ଟା, ପ୍ରତିଷ୍ଠାତା ଓ ଅଲଚିକି ଲିପିର ଜନକ। ଆହୁରି ମଧ୍ୟ ସେ ଥିଲେ ସା'ାଳ ଜାତିର ସଂସ୍କୃତି, ଶିକ୍ଷା ଓ ସମାଜର ରକ୍ଷାକ ୀ ଏବଂ ଏକତାର ଜଣେ ଅମର ପ୍ରତୀକ।

ସେହିପରି ମହିମା ଧର୍ମର ପ୍ରତିଷ୍ଠାତା ସନ୍ଥ କବି ଭୀମ ଭୋଇ ମଧ୍ୟ ବୈଶାଖ ପୂର୍ଣ୍ଣିମା ତିଥିରେ ସୋନପୁର ଜିଲ୍ଲା ବିରାମହାରାଜପୁର ଅ'ର୍ଗତ ଜଟାସିଙ୍ଗ ଗ୍ରାମରେ ଏକ କନ୍ଧ ସାମ୍ପ୍ରଦାୟରେ ଜନ୍ମ ଗ୍ରହଣ କରିଥିଲେ। କୁହାଯାଏ, ଭୀମ ଭୋଇଙ୍କ ପିତାମାତା ଅଜଣା କିଁୁ ଗାଁ ମୁଣ୍ଡ ପୋଖରୀ ହୁଡ଼ା ନିକଟସ୍ଥ ତାଳବଣରୁ ସେହି ଗ୍ରାମର ସଂାନହୀନ କନ୍ଧ ଦମ୍ପତି ଗୁରୁବାରୀ ଓ ଦନାଇ ଭୋଇ ତାଙ୍କୁ ପାଇ ଲାଳନ-ପାଳନ କରିଥିଲେ ।

ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି ଭୀମ ଭୋଇଙ୍କ ନାମ ସର୍ବତ୍ର ପରିଚିତ । ଏକଧାରରେ ସେ ଥିଲେ କବି, ପଣ୍ଡିତ, ତତ୍ତ୍ୱଦର୍ଶୀ, କର୍ମଯୋଗୀ, ସଂସ୍କାରକ, ବିପ୍ଳବୀ, ସଂଗଠକ, ଧର୍ମଯାଜକ, ମାନବବାଦୀ ଓ ସାମ୍ୟବାଦ ଚିଂାଧାରାର ମୂ ିମ' ପ୍ରତୀକ। ସେହି ସମୟରେ ପ୍ରଚଳିତ ସମାଜରେ ଘୃଣ୍ୟ ଜାତିଭେଦ, ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୋଧରେ ଲଢ଼େଇ କରି ସୁସ୍ଥ ସମାଜ ଗଠନ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଇତିମଧ୍ୟରେ ୧୩୨ ଖଣ୍ଡ ପୁସ୍ତକ ରଚନା କରିଥିଲେ, ସବୁଯାକ କଣ୍ଠସ୍ଥ ଥିଲା କିଁୁ ଯେତେବେଳେ ଯେଉଁ ପୁସ୍ତକର, ଯେଉଁ ଅଧ୍ୟାୟର, ଯେଉଁ ପଦକୁ ବୋଲିବା ପାଇଁ କହିଲେ ଗୀତ ମାଧ୍ୟମରେ ଗାଇକି ସେ ଶୁଣାଇ ଦେଇଥିଲେ । ତନ୍ମଧ୍ୟରୁ ତାଙ୍କର ରଚିତ ଚିଂାମଣିକୁ ମହିମା ଧର୍ମର ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ଭୀମ ଭୋଇଙ୍କ ଯେଉଁ ମହିମାବାଣୀ ସମଗ୍ର ବିଶ୍ୱରେ ଆଲୋଡନା ସୃଷ୍ଟି କରିପାରିଛି, ତାହା ହିଁ ସକଳ ଧର୍ମର ଶ୍ରେଷ୍ଠ ସାହିତ୍ୟ ବୋଲି କୁହାଯିବ। ତେଣୁ ସନ୍ଥ କବି ଭୀମ ଭୋଇଙ୍କ ଉଦାରକଣ୍ଠର ବାଣୀ -

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ।

*ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ-୯୩୩୭୪୦୪୨୫୪*

# ରାଜନୀତିରେ ବଡ଼ଚଣା ଓ ବିଜେଡ଼ିର ଚକ୍‌ମା କାର୍ଡ



ବାଦଲ ଭୂୟାଁ

୨୦୨୪ ମହାସମରରେ ବିଶାଳ ବିଜୟ ନିମନ୍ତେ ନକ୍ସା ଆଙ୍କିଛନ୍ତି ଦଳର ସୁପ୍ରିମୋ ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିର୍ବାଚନୀ କ୍ଷେତ୍ରରେ ଶଙ୍ଖ ବ୍ୟୂହ ସୃଷ୍ଟି କରି ବୃହତ୍ତ ବ୍ୟବଧାନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ଦେଇଛନ୍ତି ମନ୍ତ୍ର। ଓଡ଼ିଶା ରାଜନୀତିରେ ଚଳିତ ଥର ଯଦି ସବୁଠାରୁ କେଉଁ ନିର୍ବାଚନ ମଣ୍ଡଳୀକୁ ନେଇ ଚର୍ଚ୍ଚା ଆଶଙ୍କା ଓ ଅନେକ କଥାର ଗୁଡ଼ି ଉଡୁଥିଲା ତାହା ହେଉଛି ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ। ଅନେକ ହୁଏତ ଜାଣିନଥିବେ ୧୯୫୧ରେ ଏହି ନିର୍ବାଚନ ମଣ୍ଡଳୀର ଗଠନ ହୋଇଥିଲା ଓ ଏହାର ପ୍ରଥମ ବିଧାୟକ ଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ୧୯୫୭ରେ ଯଦୁମଣି ମଙ୍ଗରାଜ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ତତ୍କାଳୀନ ବିଧାନସଭାର ଉପ-ବାଚସ୍ପତି ପଦ ମଣ୍ଡନ କରିଥିଲେ। ଚଳିତ ଥର ଏହି ନିର୍ବାଚନ ମଣ୍ଡଳୀରେ ନିଶ୍ଚିନ୍ତ ତାଲିକାରେ ଥିଲେ ବିଜେଡ଼ିର ବରିଷ୍ଠ ନେତା ତଥା ନବୀନ ବାବୁଙ୍କ ଖାସ ଅନୁଗତ କୁହାଯାଉଥିବା ଜନ୍ମେଜୟ ଲେଙ୍କା ତେବେ ଆଶ୍ଚର୍ଯ୍ୟଜନକ ଭାବେ ଦଳ ସିନେ ତାରକା ବର୍ଷା ପ୍ରିୟଦର୍ଶିନୀଙ୍କୁ ଟିକେଟ ଦେଇଛି। ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଯଥେଷ୍ଟ ପୂର୍ବରୁ ନିଜେ ସଂଗଠନ କରି ଲୋକପ୍ରିୟତା ପାଇପାରିଥିବା ବରିଷ୍ଠ ନେତା ଜନ୍ମଜେୟ ଲେଙ୍କା ପ୍ରସ୍ତୁତ ହୋଇଥିଲେ। କାରଣ ଗତ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ନଦେଇ ସଂଗଠନ ପ୍ରଭାରୀ, ପର୍ଯ୍ୟବେକ୍ଷକ ଦାୟିତ୍ୱ ସହ ସରକାରଙ୍କ ଭାଷା ସାହିତ୍ୟ ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ପରି ବିଜେପି ବହୁଳ କ୍ଷେତ୍ରରେ ବିଜେଡ଼ିର ସଂଗଠନକୁ ବଢ଼ାଇବା ସହ ମଜଭୁତ କରିବା ପାଇଁ ଦଳ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିଲା ଆଉ ସେ ମଧ୍ୟ ବେଶ ସଫଳ ହୋଇପାରିଥିଲେ। ଜନ୍ମେଜୟ ବାବୁଙ୍କର ତମାମ ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକ୍ରିୟ ଓ ସଂଗଠିତ ଅନୁଗତ, ଶୁଭେଚ୍ଛୁ ଓ କର୍ମୀ ରହିଛନ୍ତି। ରାଜନୀତିରେ କ୍ଷେତ୍ରରେ ଜଣେ ପରୋପକାରୀ ଓ ବନ୍ଧୁବତ୍ସଳା ଭାବେ ସେ ପରିଚିତ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାଙ୍କର ପକେଟ ଭୋଟ ଥିବା କୁହାଯାଏ। ସେ ମଧ୍ୟ ଚଳିତଥର ବିଜେଡ଼ି ଟିକେଟ ପାଇବା ପାଇଁ ପ୍ରମୁଖ ଦାବୀଦାର ଥିଲେ ଓ ରହିବା ମଧ୍ୟ ସ୍ୱାଭାବିକ। ନିର୍ବାଚନର ଯଥେଷ୍ଟ ପୂର୍ବରୁ ବିଜେଡ଼ି ସଂଗଠନକୁ ମଜଭୁତ କରିବା ସହ ଦଳ ତାଙ୍କୁ ଚଳିତ ଥର ଟିକେଟ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଚଳିତ ଥର ବିଜେଡ଼ିର ବର୍ଷା ପ୍ରିୟଦର୍ଶିନୀଙ୍କୁ ବିଜୟୀ କରିବାର ପ୍ରମୁଖ ସେନାପତି ରହିଛନ୍ତି ଖୋଦ ଜନ୍ମେଜୟ ବାବୁ। ସୁପ୍ରିମୋଙ୍କ ମାର୍ଗଦର୍ଶନରେ ବର୍ଷାଙ୍କ ନିଶ୍ଚିନ୍ତ ଓ ରେକର୍ଡ଼ ସଂଖ୍ୟକ ମାର୍ଜିନ ଭୋଟ ବ୍ୟବଧାନରେ ବିଜୟୀ ପାଇଁ ଜନ୍ମେଜୟ ବାବୁ ରଣନୀତି ତିଆରି କରିବା ସହ ବଡ଼ଚଣାରେ ବିଜେଡ଼ିର ବିଜୟ ଗୌରବର ଦାୟିତ୍ୱ ମଧ୍ୟ ନେଇଛନ୍ତି। ବଡ଼ଚଣାର ପ୍ରାୟତଃ ସମସ୍ତ ଗ୍ରାମ ପଞ୍ଚାୟତରେ ବିଜେଡ଼ି ସରକାରରେ ବିକାଶମୂଳକ କାର୍ଯ୍ୟକ୍ରମ ବେଶ ସଫଳ ହୋଇଛି। ସ୍ୱୟଂ ସହାୟକ ସଂଗଠନର ଗୋଷ୍ଠୀମାନେ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମରେ ନିଜ ଓ ନିଜ ପରିବାରକୁ ସ୍ୱାବଲମ୍ବୀ କରିପାରିଛନ୍ତି।

ବଡ଼ଚଣା ରାଜନୀତି ରାଜ୍ୟ ରାଜନୀତିର ଏକ ଚର୍ଚ୍ଚିତ ବିଧାନସଭା କ୍ଷେତ୍ର। ୧୯୫୧ରୁ ଏଯାବତ୍ ମାତ୍ର ଦୁଇଜଣ ଭିନ୍ନ ଭିନ୍ନ ଦଳର ନେତାଙ୍କ ଶାସନ ଡୋରିରେ ବଡ଼ଚଣା ରହିଛି ୧୪୪ ବର୍ଷ। ୧୯୫୧ରେ ନବକୃଷ୍ଣ ଚୌଧୁରୀ ବିଜୟ ହୋଇଥିଲେ, ପରେ ୧୯୫୭ରେ ଯଦୁମଣି ମଙ୍ଗରାଜ, ୧୯୬୧ରେ ଧନଞ୍ଜୟ ଲେଙ୍କା, ୧୯୬୭ରେ ଜଗନ୍ନାଥ ଦାସ, ୧୯୭୧ ମାନଗୋବିନ୍ଦ ସାମଲ, ୧୯୭୪ ଦୁଃଶାସନ ଜେନା, ୧୯୭୭ରେ ମାନଗୋବିନ୍ଦ ମାସଲ, ୧୯୮୦ ସୀତାକାନ୍ତ ମହାପାତ୍ର, ୧୯୮୫ ସୀତାକାନ୍ତ ମହାପାତ୍ର, ୧୯୯୦ରେ ଅମର ପ୍ରସାଦ ଶତପଥୀ, ୧୯୯୫ ଅମର ପ୍ରସାଦ ଶତପଥୀ, ୨୦୦୦ ପୁନର୍ବାର ଅମର ପ୍ରସାଦ ଶତପଥୀ, ୨୦୦୪ରେ ସୀତାକାନ୍ତ ମହାପାତ୍ର, ୨୦୦୯ରେ ଅମର ପ୍ରସାଦ ଶତପଥୀ, ୨୦୧୪ରେ ଅମର ପ୍ରସାଦ ଶତପଥୀ, ୨୦୧୯ରେ ଅମର ପ୍ରସାଦ ଶତପଥୀ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଛଅଜଣ ବିଧାୟକଙ୍କୁ ଦେଖିବାକୁ ମିଳେ, ସେମାନଙ୍କ ଭିତରୁ ମାନଗୋବିନ୍ଦ ସାମଲ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ବିଧାନସଭା କ୍ଷେତ୍ରରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ଢେର ରହିଛି। ସୀତାକାନ୍ତ ମହାପାତ୍ର କଂଗ୍ରେସରୁ ୩ ଥର ଏହି ଆସନରୁ ବିଜୟଲାଭ କରିବାର ଶ୍ରେୟ ପାଇଥିବା ବେଳେ ଅମର ପ୍ରସାଦ ଶତପଥୀ ୬ଟି ପାଳିରେ ୨୯ ବର୍ଷ ବିଧାୟକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ୧୯୯୦, ୧୯୯୫ ଓ ୨୦୦୦ ମସିହା ନିର୍ବାଚନରେ ଜିତିଥିବା ଅମର ବାବୁ ୨୦୦୪ରେ କିନ୍ତୁ ନିର୍ବାଚନ ଲଢ଼ି ନଥିଲେ କିନ୍ତୁ ବିଜେଡ଼ି ପ୍ରାର୍ଥୀ ଜିତି ପାରିଲେ ନାହିଁ। ସେ ସମୟରେ ବିଜେଡ଼ି ବର୍ତ୍ତମାନର ବିଜେପି ନେତା ତଥା ତତ୍କାଳୀନ ବିଜେପି ନେତା ଗୌତମ ରାୟଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କରିଥିଲା। ବଡ଼ଚଣାର ବନ୍ଦରେଶ୍ୱର ଗ୍ରାମରେ ଗୌତମ ରାୟଙ୍କ ଶଶୁର ଘର ହୋଇଥିବାରୁ ଦଳ ତାଙ୍କୁ ଆଣି ଅମରଙ୍କ ସ୍ଥାନରେ ପ୍ରାର୍ଥୀ କରିଦେଇଥିଲା ଯାହାର ଫଳ ବିଜେଡ଼ି ବିପକ୍ଷରେ ଗଲା ଓ କଂଗ୍ରେସର ସୀତାକାନ୍ତ ମହାପାତ୍ର ଜିତିଲେ। ଅମର ବାବୁଙ୍କୁ ବାଦ ଦେଇ ଫିଲ୍ମ ଅଭିନେତ୍ରୀ ଓ ମହିଳା କାର୍ଡ଼ ଖେଳି ବାହାରୁ ନୂଆ ପ୍ରାର୍ଥୀ ଆଣି ବର୍ଷା ପ୍ରିୟଦର୍ଶିନୀଙ୍କୁ ଛିଡ଼ା କରିଛନ୍ତି। ନବୀନ ବାବୁଙ୍କ ମାର୍ଗଦର୍ଶନ ଓ କାର୍ତ୍ତିକ ପାଣ୍ଡିଆନଙ୍କ ରାଜନୈତିକ ଗୋଟି ଚାଳନା ସହ ବଡ଼ଚଣା ନିର୍ବାଚନ ମଣ୍ଡଳୀର ତମାମ ଦାୟିତ୍ୱ ଅନୁଭବୀ ତଥା ହେବିୱେଟ ସଂଗଠକ ତଥା ନେତା ଜନ୍ମେଜେୟ ଲେଙ୍କାଙ୍କୁ ଦିଆଯାଇଛି। ନବୀନ ମ୍ୟାଜିକ କାର୍ଡ଼ ଓ ସର୍ବୋପରି ଓଡ଼ିଶାର ରୂପାନ୍ତରଣ ଯେଉଁ ଅଭୂତପୂର୍ବ ଯୁଗ ଆରମ୍ଭ ହୋଇଛି ସରକାର ପ୍ରଥମ ରାଜ୍ୟ ଭାବେ ସମଗ୍ର ଭାରତରେ ଆରମ୍ଭ କରିଛନ୍ତି ବିଶାଳ କାର୍ଯ୍ୟକ୍ରମ। ସ୍ୱୟଂ ସହାୟକ ସଂଗଠନ ତଥା ରାଜ୍ୟର ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ବିଶେଷକରି ଏହି ନିର୍ବାଚନ ମଣ୍ଡଳୀର କର୍ମୀମାନେ ବିଜୟର ମନ୍ତ୍ର ଭାବେ ଗ୍ରହଣ କରିଛନ୍ତି। ବିଜେଡ଼ି ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କର୍ମୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗରେ ତଥା ଜନ୍ମେଜେୟ ଲେଙ୍କାଙ୍କ ପରି ରାଜନୀତି ଗୋଟି ଚାଳନାରେ ପ୍ରତିପକ୍ଷଙ୍କୁ ମାତ ଦେଇ ପୋଖତ ଖେଳାଳୀଙ୍କ ପାଖରେ ବିରୋଧୀ ଏକ ପ୍ରକାର ଧରାଶାୟୀ। ବିଜେଡ଼ି ଏହି ନିର୍ବାଚନ ମଣ୍ଡଳୀରେ ବିପୁଳ ମାର୍ଜିନ ବ୍ୟବଧାନରେ ବିଜୟ ଅଭିମୁଖେ ଯାଉଥିବାବେଳେ ଦଳ ଏଠାରେ ଏପରି ଏକ ସଙ୍ଗଠିତ କର୍ମୀମାନଙ୍କୁ ପାଇଛି ଯେଉଁମାନେ ଦଳ ପାଇଁ ରାତିଦିନ କଠୋର ପରିଶ୍ରମ କରି ମଜବୁତ ଗଡ଼ରେ ପରିଣତ କରିପାରିଛନ୍ତି। ତେଣୁ ଏଠାରୁ ବିଜେଡ଼ି ପୁନର୍ବାର ବିଜୟୀ ହୋଇ ବର୍ଷା ପ୍ରିୟଦର୍ଶିନୀଙ୍କୁ ବିଧାନସଭା ପଠାଇବ ନିଶ୍ଚିତ। ସିନେମାର ଚକମକ ଦୁନିଆରୁ ଓହରି ରାଜନୀତିରେ ନୂଆ ପାଦ ଥାପି ବିଧାନସଭା ପ୍ରାର୍ଥୀ ହୋଇଥିବା ବର୍ଷା ପ୍ରିୟଦର୍ଶିନୀଙ୍କ ପାଇଁ ଅନେକ ଅନେକ ଶୁଭେଚ୍ଛା।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ଦୁର୍ନୀତି ଏକ ସାମାଜିକ ବ୍ୟାଧି



ହିମାଂଶୁ ଶେଖର ଆଚାର୍ଯ୍ୟ

ଏକଥା ସତ ଯେ, ଦୁର୍ନୀତି ଏକ ସାମାଜିକ ବ୍ୟାଧି । ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନିତ ହିଁ ସବୁଠାରୁ ବଡ ପ୍ରତିବନ୍ଧକ ବୋଲି ବିବେଚନା କରାଯାଏ । ଏହାର ମୂଳୋତ୍ପାଟନ ପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀ ନାଗରିକ ସମୁଦାୟ ଏବଂ ଘରାଇେ କ୍ଷେତ୍ରରେ ସମସ୍ତେ ଏକତ୍ର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ବି ଦିଆଯାଉଛି । ଏସବୁ ସେ ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବ େ ବଢିବାରେ ଲାଗିଛି । କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବ। ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି। ସେହିପରି ଶ୍ରେଷ୍ଠ ପା ଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି।

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି। ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି। ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମ ଥର ଲା ଦେଇଥାନ୍ତି। ଏସବୁ ସ ୍ୱେ ଆମ ଦେଶରେ ସ୍ୱାଧୀନତାର ପରବ ୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହାୱାଲା ଓ ଗେଖାଦ୍ୟ, ୨୦୦୮ରେ ସେୟାର ବଜାର ,୨୦୧୦ରେ କମନୱେଲ୍‌ଥ ଗେମ୍ ,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରି ବ୍ୟାପମ୍ ଦୁର୍ନୀତି। ସୁଇସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ହଜାରକୋଟି ଟଙ୍କାକୁ ଟପିସାରିଲାଣି। ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ। ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧା ତାଲିକାରେ ଅଛନ୍ତି। ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲିକ୍ଷିତ ହୋଇଛି । ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି,ଲା ଓ ଟିକସ ଫାଙ୍କିବା ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି । ଏଥି ସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି । ଏମାନେ ସାଧାରଣ ଜନତାଙ୍କ ପାଖରେ ଉତରଦାୟି ନରହିଲେ ଦୁର୍ନୀତିମାତ୍ରା ବଢି ବଢି ଚାଲିବ । ଦୁର୍ନୀତିକୁ ରୋକିବା ପାଇଁ କଠୋର ଦ ବିଧାନର ଆବଶ୍ୟକତା ରହିଛି । ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା। ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୂଲ୍ୟବୋଧ ଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା କଥା ବେଳର କଥା ବେଶ୍ ପ୍ରଣିଧାନ ଯୋଗ୍ୟ । ଗରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବ ାଇଥିଲେ। ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ। ପରେ ଗୁରୁଜୀ ତାଙ୍କୁ ପଚାରିବାରୁ ସେ ଉ ରରେ କପିକରିବା ବଡ ଅନ୍ୟାୟ ଓ କଉଳି ଏତେ ବଡ ଅନୀତି କରିଥାନ୍ତି ବୋଲି ଉ ର ଦେଇଥିଲେ । ପୁଣି ସେ ବିନମ୍ରତାର ସହ କହିଥିଲେ ଅସତ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ । ସେଇଥିପାଇଁତ ସେ ମହାତ୍ମା। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ । ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ । ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶୟ ଦେବିନାହିଁ , ଏହିଭାବ ମନରେ ସୃଷ୍ଟି ହେବା ଦରକାର । ତାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ । ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୁନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ ।

*ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*




# ସଂଗ୍ରାମ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର (ପିଏନ୍)-ସଂଗ୍ରାମ କେଶରୀ ଜେନା ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସଂସଦର ସଭାପତି ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସର୍ବଦଳୀୟ ସ୍ମୃତିସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତିସମ୍ବଳିତ ଏକ ସ୍ମରଣିକା ସେଠାରେ ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ଯୋଗଦେଇ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବୃଙ୍ଗ ନେତୃବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ତଥା ପୂର୍ବତନ ପିସିସି ସାଧାରଣ ସଂପାଦକ ସ୍ୱର୍ଗତ ଜେନା ଥିଲେ ଅତୁଲ୍ୟ, ପ୍ରତିଭାଦୀପ୍ତ ଓ ଭରଷାଯୋଗ୍ୟ ଯୁବନେତା। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏବଂ ରାଜଧାନୀରେ ସେ ସୃଷ୍ଟି କରିଥିଲେ ଅସୁମାରୀ ଛାତ୍ର ନେତା ଓ ଯୁବନେତା। ବିଜେବି କଲେଜ ଛାତ୍ର ସଂସଦର ସାଧାରଣ ସଂପାଦକ, ବାଣୀବିହାରରେ ଆଦୃତ ଓ ସମ୍ମାନନୀୟ ଛାତ୍ର ନେତା, ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସଂପାଦକ, ଉପସଭାପତି, କାର୍ଯ୍ୟକାରୀ ସଭାପତି, ପ୍ରଥମ ନିର୍ବାଚିତ ସଭାପତି ଓ ପିସିସି ସାଧାରଣ ସଂପାଦକ ଭାବରେ ସେ ପ୍ରଶଂସନୀୟ ଦାୟିତ ନିର୍ବାହ କରିଥିଲେ। କଂଗ୍ରେସ ଦଳର ସେ ଥିଲେ ଅମୂଲ୍ୟ ସଂପତି। ତାଙ୍କର ସାଂଗଠନିକ ଦକ୍ଷତା ଓ ଦଳପ୍ରତି ସମର୍ପଣ ଭାବ ପାଇଁ ସେ ଆମ ନିକଟରେ ସ୍ମରଣୀୟ ହୋଇ ରହିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଯାଜପୁର ବିଧାୟକ ତଥା ବିଜେଡ଼ିର ସାଂଗଠନିକ ସାଧାରଣ ସଂପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ (ବବି) ସଂଗ୍ରାମଙ୍କ ନେତୃତ୍ୱ, ବନ୍ଧୁତ୍ୱ ଓ ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ରୋହିତ ପୂଜାରୀ କହିଥିଲେ ଯେ ସଂଗଠନ, ସମାଜସେବା, ଧାରଣା, ରାଲି ଓ ପ୍ରତିବାଦ ସଭା ଆଦିରେ ସଂଗ୍ରାମଙ୍କର ବିଚକ୍ଷଣତା ଏବଂ କାର୍ଯ୍ୟଦକ୍ଷତାକୁ ମୁଁ ଅତି ନିକଟରୁ ଦେଖିଛି। ସଂଗ୍ରାମର ସ୍ମୃତି ମାନସପଟରେ ଚିରଜୀବିତ ହୋଇ ରହିବ। ପୂର୍ବତନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର କହିଥିଲେ ଯେ ଦଳମତ ନିର୍ବିଶେଷରେ ସଂଗ୍ରାମ ଓଡ଼ିଶାର ଜଣେ ପ୍ରତିଭାବାନ, ସ୍ୱାଭିମାନୀ ଓ ଚର୍ଚ୍ଚିତ ଯୁବନେତା। ସମାଜ ସେବାରେ ମଧ୍ୟ ସେ ଜଣେ ଆଦୃତ ବ୍ୟକ୍ତି। ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ କହିଥିଲେ ଯେ ସଂଗ୍ରାମ ଥିଲେ ଓଡ଼ିଶାର ଜଣେ ଯୁଝାରୁ, ଜନପ୍ରିୟ, କର୍ତବ୍ୟନିଷ୍ଠ ଯୁବନେତା। କଂଗ୍ରେସ ଦଳ ତାଙ୍କର କୀର୍ତି ଓ କୃତିକୁ ମନେ ରଖିବ। ଅଗଷ୍ଟ ମାସର ମହତ୍ୱକୁ ଅବତାରଣ କରି ଶ୍ରୀ ହରିଚନ୍ଦନ କହିଥିଲେ ଯେ ଅଗଷ୍ଟ ମାସ ଇତିହାସରେ ଘଟିତ ବିପ୍ଳବର ଦିବ୍ୟ ସ୍ମୃତିକୁ ମନେ ପକାଏ ଏବଂ ସଂଗ୍ରାମ ହେଉଛନ୍ତି' ବିପ୍ଳବର ପ୍ରତୀକ। ପୂର୍ବତନ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ କହିଥିଲେ ସଂଗ୍ରାମ ମୋର ପୁତ୍ରତୁଲ୍ୟ ତା ଠାରେ ଭବିଷ୍ୟତ ନେତୃତ୍ୱର ସଂଧାନ ମିଳିଥିଲା। ସେ ଜଣେ ଆଦର୍ଶମୟ, ଆଚରଣ ଶୁଦ୍ଧ ଏବଂ ସ୍ୱପ୍ନ ଦ୍ରଷ୍ଟା ରାଜନେତା। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶ୍ରୀକା' ଜେନା କହିଥିଲେ ଯେ ସଂଗ୍ରାମର ମୃତ୍ୟୁ ପରେ ତାର ସଂଗ୍ରାମ ଜାରି ରହିଛି। ସେ ଯେଉଁ ଯୁବ ଓ ଛାତ୍ର ନେତା ସୃଷ୍ଟି କରିଥିଲା ସେମାନେ ସଂଗ୍ରାମର ଆଦର୍ଶରେ ଲଢ଼େଇ ଜାରି ରଖିଛନ୍ତି ଏବଂ ତାର ସ୍ୱପ୍ନକୁ ସାକାର କରିବାପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ପିତା ତଥା ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏଆଇସିସି ସଂପାଦକ ଶ୍ରୀ ରୁଦ୍ର ରାଜୁ, ପୂର୍ବତନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଚିରିବ ବିଶ୍ୱାଳ, ଶ୍ରୀ ଶରତ ରାଉତ, ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ଗଣେଶ୍ୱର ବେହେରା, ଅନ' ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ସମୀର ରାଉତରାୟ, ବିଧାୟକ ସ'ୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ଡ.ଦେବାଶିଷ ପଟ୍ଟନାୟକ, ସମାଜବାଦୀ ପାର୍ଟିର ସାଧାରଣ ସଂପାଦକ ସୁଦର୍ଶନ ପ୍ରଧାନ, ନାରାୟଣ ରେଡ୍ଡି, ବିଜେପିର ନେତା ଦିଲ୍ଲୀପ ମଲ୍ଲିକ, ବିଜୁଜନତା ଦଳର ମୁଖପାତ୍ର ଲେଲିନ ମହାଁ, ଯାସିର ନୱାଜ, ସ୍ମୃତି ରନ ଲେଙ୍କା, ଅଂଶୁମାନ ମହାଁ, ବନ୍ଦିତା ପରିଡ଼ା, ରଜତ ଚୌଧୁରୀ, ସସ୍ମିତା ବେହେରା, ନରେନ ପଲେଇ, ସୁଦର୍ଶନ ଦାସ, ବିଭୁତି ମିଶ୍ର, ମନୋଜ ରାଉତ, ଶ୍ରୀନାଥ ମିଶ୍ର ପ୍ରମୁଖ ସ୍ୱର୍ଗତ ଜେନାଙ୍କର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଳି ଜ୍ଞାପନ କରିଥିଲା। କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ ସଂଗ୍ରାମ ଜେନାଙ୍କର ଅନୁଜ ଇଂ ମନୋଜ କୁମାର ଜେନା (ଟିକିନା) ସ୍ମୃତିସଭାର କାର୍ଯ୍ୟପରିଚାଳନା କରିଥିଲେ। ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସ୍ୱର୍ଗତ ଜେନାଙ୍କ ସ୍ମୃତିସଭା ଛାତ୍ର ଓ ଯୁବନେତାମାନେ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ମନୋଜ ମହାପାତ୍ର, ରିତ ପାତ୍ର, ଅଜୟ ସାହୁ, ଆଲୋକ ଲେଙ୍କା, ସ୍ୱାଗତ କର, ନଳିନୀକାନ୍ତ ନାୟକ, କିରଣ ସାହୁ, ନିହାର ବେହେରା, ମହମ୍ମଦ ଗୁଲଫାମ, ଜଗଦିଶ ଗଜେନ୍ଦ୍ର, କାର୍ତିକେଶ୍ୱର କାଣ୍ଡି, ଅମରେଶ ଜେନା, ଶ୍ରୀ ମହାଁ, ଲିପିକା ପାତ୍ର, ଶହାରୁଖ ଖାନ, ଉଦ୍ଦିତ ପ୍ରଧାନ, ରିୟାଜୁଲ୍ ଇସଲାମ, ବିପ୍ଳବ ଶିଳାଦିତ୍ୟ, ସୁଭାଷ ପ୍ରଧାନ, ଲଲାଟେନ୍ଦୁ ଦାସ, ସୁରଜ ରାଉତ, ସାଗର ପଟ୍ଟନାୟକ, ରଂଜିତ ସେନାପତି ଓ ଆର୍ଯ୍ୟାନ ସାସମଲ, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ପ୍ରମୁଖ ବିଭିନ୍ନ ଜିଲ୍ଲାର ବହୁ ଯୁବଛାତ୍ର ନେତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଏସବିଆଇ ଲାଇଫି ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମି ସଫେଇ



କୋଣାର୍କ (ପିଏନ୍)-ଏସବିଆଇ ଲାଇଫି ନିମାପଡା ଶାଖା ପକ୍ଷରୁ ରବିବାର ସକାଳ ୮ଟା ସମୟରେ ଚନ୍ଦ୍ରଭାଗା ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସବିଆଇ ଲାଇଫି ଭୁବନେଶ୍ୱର କାର୍ଯ୍ୟାଳୟର ଆଚଂଳିକ ମହାପ୍ରବନ୍ଧକ ଦିପ୍ତେନ୍ଦୁ ଶେଖର, ନିମାପଡା ଶାଖା ପରିଚାଳକ ଅକ୍ଷୟ କୁମାର ଶତପଥିଙ୍କ ନେତୃତ୍ୱରେ ଏହି ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଯୋଗ ଦେଇଥିବା ବେଳେ ଅନ୍ୟାମାନଙ୍କ ମଧ୍ୟରେ ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାଉନସିଲର ସମୟରଞ୍ଜନ ସାହୁ, ନିହାରରଞ୍ଜନ ବେଉରା, ସୌମ୍ୟ ସୌରଭ ଦାଶ, ଏନଏସିର ବରିଷ୍ଠ କର୍ମଚାରୀ ଭାଗ୍ୟରଥି ବରାଳ, ଧର୍ମାନନ୍ଦ ପରିଡାଙ୍କ ସମେତ ସଫେଇ କର୍ମଚାରୀ ଓ ଶତାଧିକ ଏସବିଆଇ ଲାଇଫି ମିତ୍ରମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ଚନ୍ଦ୍ରଭାଗା ବେଳାଭୂମି ଅଞ୍ଚଳରେ ପଡିରହିଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ । ଏହି କାର୍ଯ୍ୟକ୍ରମକୁଏସବିଆଇ ଲାଇଫି ନିମାପଡା ଶାଖାର ଉନ୍ନୟନ ଅଧିକାରୀ ଇନ୍ଦ୍ରଜିତ ମହାନ୍ତି, ଅନୁରାଗ ଦାଶ, ତୁଶାର ପ୍ରଧାନ, ଅମିୟ ମିଶ୍ର, ଜ୍ୟୋତିରଞ୍ଜନ ମହାନ୍ତି, ହିମାଂଶୁ ରଥ, ଉମାକାନ୍ତ ସ୍ୱାଇଁ ଓ ଅମିତ ରଥ ପ୍ରମୁଖ ପରିଚାଳନା କରିଥିଲେ ।

## ଧର୍ମଶାଳା ବିଜେପିର ତ୍ରିରଙ୍ଗା ପଦଯାତ୍ରା



ଧର୍ମଶାଳା (ପିଏନ୍): ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ଧର୍ମଶାଳା ଭଲକ୍ଷ ବିଜେପି ପକ୍ଷରୁ ତ୍ରିରଙ୍ଗାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ସମୀର ମହାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ଶତାଧିକ କର୍ମୀଙ୍କ ଗହଣରେ ପଦଯାତ୍ରାରେ ଶର୍ିବଜାର, ଜାରକା ବଜାର, ବାଲୁକାଇ, ଚହଟା ଓ ଧର୍ମଶାଳା ବଜାର ପରିକ୍ରମା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସ୍ୱାଧୀନତାର ୭୫ବର୍ଷ ପୂର୍ତି ଉତ୍ସବ ପାଳନ ଅବସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମ ଆଗାମୀ ଏକ ବର୍ଷ ଧରି ଅର୍ଥାତ୍ ୨୦୨୩ ଅଗଷ୍ଟ ୧୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସଶକ୍ତ ଭାରତ ଗଠନ ଦିଗରେ ଯୁବ ପିଢି ଏହାକୁ ସଂକଳ୍ପ ଭାବେ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବେ ବୋଲି ଶ୍ରୀ ମହାଁ ଏହି ଅବସରରେ କହିଥିଲେ । ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୌତମ ରାୟ, ଜିଲ୍ଲା ପ୍ରଭାରୀ ଶାରଦା ପ୍ରସନ୍ନ ଶତପଥୀ, ପର୍ଯ୍ୟବେକ୍ଷକ ରବି ନାରାୟଣ ବେହେରା ପ୍ରମୁଖଙ୍କ ସମେତ ଶହ ଶହ ବିଜେପି କର୍ମୀ ୨ଶହ ମିଟର ଲମ୍ବର ଜାତୀୟ ପତାକା ସହ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ । ପରେ ବିଜେପି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅତିଥମାନେ୍ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ ।

# କେନ୍ଦ୍ରାପଡା ଜିଲ୍ଲାର ୩ଟି ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୪୧୭କୋଟି ମଞ୍ଜୁର




ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ୩ଟି ବ୍ଲକ ପଟ୍ଟାମୁଣ୍ଡାଇ, ରାଜନଗର ଓ ଗରଦପୁର ପାଇଁ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୪୧୭କୋଟି ଟଙ୍କା ମଞ୍ଜୁର ନିମନ୍ତେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରଛନ୍ତି। ସେଥିପାଇଁ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୁହୁରିଆ ନିକଟସ୍ଥ ଏକ ହୋଟେଲ ପରିସରରେ ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହି ସାମ୍ବାଦିକ ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହି ବୈଠକରେ ଜିଲ୍ଲା ସଭାପତି କହିଥିଲେ ଯେ ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବା ପାଇଁ ବିଜୁ ଜନତା ଦଳ ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିବଦ୍ଧ। କେନ୍ଦ୍ରାପଡା ଜିଲ୍ଲାରେ ୩ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୪୧୭କୋଟି ଟଙ୍କାରେ କାର୍ଯ୍ୟକାରୀ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୩ଟି ବ୍ଲକ ଅଧିନରେ ଥିବା ୭୬ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୫୨୨ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୪ଲକ୍ଷ ୩୫ହଜାର ୧୯୦ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧିନରେ ଥିବା ୨୯ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୩୮ଟି ଗ୍ରାମର ପ୍ରାୟ ଏକଲକ୍ଷ ୫୫ହଜାର ୩୩୪ ଜଣ, ରାଜନଗର ବ୍ଲକ ଅଧିନରେ ଥିବା ୨୯ଟି ଗ୍ରାମପଞ୍ଚାୟତର ୨୪୯ଟି ଗ୍ରାମର ପ୍ରାୟ ଏକଲକ୍ଷ ୬୮ହଜାର ୭୧୨ଜଣ ଓ ଗରଦପୁର ବ୍ଲକ ଅଧିନରେ ଥିବା ୧୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୩୫ଟି ଗ୍ରାମର ପ୍ରାୟ ଏକଲକ୍ଷ ୧୧ହଜାର ୧୪୪ ଜଣ ସାଧାରଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ସମସ୍ତ ୩ଟି ପ୍ରକଳ୍ପକୁ ଆସନ୍ତା ୨୪ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜନଗର ବିଧାୟକ ଶ୍ରୀ ସାହୁ କହିଥିଲେ ଯେ ଆମ ମୁଖ୍ୟମନ୍ତ୍ରୀ ମୋଟ ୧୯୮.୮୧ କି.ମି. ଦୀର୍ଘ ଲୁଣାବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ଲୁଣାବନ୍ଧ ଗୁଡିକୁ ବାତ୍ୟା ପ୍ରତିରୋଧକ ସ୍ତରକୁ ଅଣାଯାଇ ଘ । ପ୍ରତି ୨୫୦କି.ମି. ବେଗରେ ବହୁଥିବା ବାତ୍ୟା, ଉଚ୍ଚ ଜୁଆର, ଲୁଣାପାଣି ମାଡିଯିବା ତଥା ବାତ୍ୟା ଦାଉରୁ ନିକଟସ୍ଥ ସ୍ଥଳଭାଗ ଓ ଜନବସତିକୁ ସୁରକ୍ଷା ପ୍ରଦାନ କରାଯିବ। ଏହି ଯୋଜନାଟି ଆମ ରାଜ୍ୟର ୪ଟି ବାତ୍ୟା ପ୍ରବଣ ଉପକୂଳବ ୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ପୁରୀରେ କାର୍ଯ୍ୟକାରୀ କରାଯିବା ପାଇଁ ୭୬୩କୋଟି ୪୮ଲକ୍ଷ ଟଙ୍କା ବିଜୁ ଜନତା ଦଳ ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ "ବାତ୍ୟା ପ୍ରତିରୋଧକ ଲୁଣା ବନ୍ଧ ପ୍ରକଳ୍ପ" ମଞ୍ଜୁର କରିଛନ୍ତି। ଏହା ୨୦୨୨-୨୩ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇ ୨୦୨୪-୨୫ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ କରାଯିବ। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର, ଭୋଗରାଇ ଏବଂ ରେମୁଣା ବ୍ଲକ, ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ, କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଏବଂ ମହାକାଳପଡା ବ୍ଲକ ଓ ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ଏବଂ କୃଷ୍ଣପ୍ରସାଦ ବ୍ଲକର ୨୧ହଜାର ୬୯୦ ହେକ୍ଟର ଚାଷ ଜମିକୁ ବନ୍ୟା ଓ ଲୁଣା ପାଣି ମାଡିଯିବାରୁ ରକ୍ଷା କରାଯିବା ସହିତ ୧୩୬ଟି ଗ୍ରାମରେ ବସବାସ କରୁଥିବା ୩ଲକ୍ଷରୁ ଉର୍ଦ୍ଧ୍ୱ ପରିବାରଙ୍କ ଧନଜୀବନ ସୁରକ୍ଷିତ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବରିଷ୍ଠ ବିଜେଡି ନେତା ଦେବଦାସ ମହାନ୍ତି, ଯୁବନେତା ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, ଆଲୋକ ସାହୁ, ଦେବାଶିଷ କୁବେରଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଯୁବ ବିଜୁ ଜନତା ଦଳ ପକ୍ଷରୁ ଓଡିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୁଜାରୀ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବୁଧବାର କେନ୍ଦ୍ରାପଡା ଦେଇ ଯାଉଥିବା ବେଳେ ଗରାପୁରସ୍ଥିତ ଡାକବଙ୍ଗଳାରେ କିଛି ସମୟ ପାଇଁ ଅଟକି ଯାଇଥିଲେ। ସେଠାରେ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଉପସଭାପତି ମହେନ୍ଦ୍ର ମିଶ୍ର, ସମ୍ପାଦକ ଲେଲିନ କୁମାର ସ୍ୱାଇଁ, ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ ପ୍ରମୁଖ ମନ୍ତ୍ରୀ ଶ୍ରୀ ପୁଜାରୀ ଓ ରାଜନଗର ବିଧାୟକ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ହସ୍ତୀ ଦିବସ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ନିକଟରେ ଶହୀଦନଗର, ଭୁବନେଶ୍ୱରଠାରେ ହସ୍ତୀ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ହାତୀ ସୁରକ୍ଷା ଓ ସଚେତନତା ଉପରେ ଉପସ୍ଥିତ ବକ୍ତାମାନେ ଅନେକ ଗଠନମୂଳକ ମନ୍ତବ୍ୟ ଦେଇଥିଲେ। ଏହି ସଭାରେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ, ସମାଜସେବୀ ଶ୍ରୀ ଶିବନାରାୟଣ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ପରିବେଶବିତ୍ ଶ୍ରୀ ଚି ରଞ୍ଜନ ବଳ ଓ ଶ୍ରୀ ଜିତେନ୍ଦ୍ର ରଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଇଚାରାର ସଂଦେଶ ଦେଲା ବାର୍ଷିକ ଇଜତେମା



ଭୁବନେଶ୍ୱର (ପିଏନ୍): ୟୁନିଟ-୪ ସ୍ଥିତ ମସଜିଦ ହମଦ୍ ଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ଆନୁକୁଲ୍ୟରେ ଦୁଇଦିନ ଧରି ଚାଲୁରହିଥିବା ଅହମଦୀୟା ମୁସଲିମ ଆନ୍ତଃ ସଂଗଠନ ମଜଲିସ ଅନସାରୁଲ୍ଲାଃର ଜିଲ୍ଲାଃ ସ୍ତରୀୟ ୨ୟ ବାର୍ଷିକ ଇଜତେମା ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାଃ ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ଅମିରୁଦ୍ଦିନ ଖାଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରତିନିଧି ଅଖିଳ ଭାରତ ମଜଲିସ ଅନସାରୁଲ୍ଲାଃ ମୁହମ୍ମଦ ନୁରୁଦ୍ଦିନ ଅମିନ ଏବଂ ମୁଖ୍ୟ ବକ୍ତା ଭାବେ ଜିଲ୍ଲାଃ ଖୋର୍ଦ୍ଧା ଓ ନୟାଗଡ଼ ଅହମଦୀୟା ମୁସଲିମ ପ୍ରଚାରକ ମୌଲାନା ମିର ଅବ୍ଦୁଲ ହଫିଜ ଯୋଗ ଦେଇଥିଲେ। ସର୍ବପ୍ରଥମେ ପବିତ୍ର କୋରାନ ପାଠ ଦ୍ୱାରା ଉଦ୍‌ଯାପନୀ ସମାରୋହ ଆରମ୍ଭ ହୋଇଥିଲା। ଉର୍ଦ୍ଦୁ ସଂଗୀତଗାନ ଓସି ଅହମଦ ଖାଁ କରିଥିଲେ। ସଭା ଅଧ୍ୟକ୍ଷ ସଂଗଠନର ସଦ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ଭଲ ମଣିଷ ହେବା ଏବଂ ଉଚ୍ଚ ଶିକ୍ଷା ଗ୍ରହଣ କରିବା ସହିତ ଉତ୍ତମ ଚରିତ୍ରର ଅଧିକାରୀ ହେବା ନିହାତି ଦରକାର । ନ୍ୟାୟ,ମାନବ ଅଧିକାର, ପରଉପକାର,ବେରୋଜଗାର ଦୁରୀକରଣ,ମାନବ କଲ୍ୟାଣ ତଥା ନିଶାମୁକ୍ତ ସମାଜ ଗଢିବା ଅହମଦୀୟା ମୁସଲିମ ସଂଗଠନର ବଳିଷ୍ଠ ପ୍ରୟାସ । ଏକତା ହିଁ ଅଖଣ୍ଡତାର ପରିଚାୟକ ହୋଇଥାଏ । ଦେଶ ପ୍ରତି ଅନୁରୋକ୍ତି ପ୍ରକଟ କରିବା ତଥା ଭାଇଚାରାର ବାତାବରଣ ଉପୁଜାଇବା ଅହମଦୀୟା ମୁସଲିମ ସମାଜର ମୂଳଆଭୀମୂଖ୍ୟ। ଏକ ଈଶ୍ୱର ଏକ ଅଲ୍ଲାଃର ଆମେ ସମସ୍ତେ ସନ୍ତାନ । ତେଣୁ ଆମେ ସବୁ ଭାଇ ଭାଇ ଏକ କୁଟୁମ୍ବ । କେହି ନୁହେଁ ପର ଆମେ ସବୁ ଆପଣାର ବୋଲି ମୁଖ୍ୟ ବକ୍ତା ଭାବେ ମୌଲାନା ମିର ଅବ୍ଦୁଲ ହଫିଜ ସାହେବ ନିଜ ମତପ୍ରକାଶ କରିଥିଲେ । ଇଜତେମାର ସଚିବ ମୌଲାନା ଫଜଲ ହକ ଖାଁ ଅତିଥିମାନଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଇଜତେମାରେ ପବିତ୍ର କୋରାନ ପାଠ, ଉର୍ଦ୍ଦୁ ନଜମ, ଓଡ଼ିଆ ନଜମ, ବକ୍ତୃତା, କୁଇଜ, ଦେଖିବା ଓ ଲେଖିବା ଏବଂ ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗୀତା ହୋଇଥିଲା। ପରିଶେଷରେ ଅନୁଷ୍ଠିତ ହୋଇଥିବା ଏହି ଧାର୍ମିକ ଓ କ୍ରୀଡ଼ାଗତ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଗଲା । ରାଜ୍ୟ ସ୍ତରୀୟ ଏହି ଇଜତେମାର ପ୍ରତିଯୋଗୀତାରେ କେରଙ୍ଗ, ମହିମୁଦାବାଦ, ଖୋର୍ଦ୍ଧା, ଖଜୁରି ପଡ଼ା, ଭୁବନେଶ୍ୱର, ଜଟଣୀ, ସିରିପାର, ବିଡ଼ିଏ ଚନ୍ଦ୍ରଶେଖରପୁର ଏବଂ ପୁରୀର ମଜଲିସ ଅନସାରୁଲ୍ଲା ସଂଗଠନ ଯୋଗ ଦେଇଥିଲେ । ଏହି ବାର୍ଷିକ ଇଜତେମାରେ ମହମୁଦାବାଦ ମଜଲିସ ଅନସାରୁଲ୍ଲାଃ ସଂଗଠନ ଚାମ୍ପିଅନ ହୋଇଛି। ଏହି ଉତ୍ସବରେ ସୟଦ ଅନୱାରୁଦ୍ଦିନ, ଅବ୍ଦୁଲ ୱଦୁଦ ଖାଁ, ମୁନୱର ଅହମଦ ଖାଁ, ମୌଲାନା ଇସମାଇଲ ଖାଁ,ମୌଲାନା ମେରାଜ ଅଲ୍ଲି, ମୌଲାନା ସୟଦ ଫଜଲେ ନଇମ, ମୌଲାନା ନବିଦୁଲ ଫତହ, ମୌଲାନା ଶାହାଦତ ଖାଁ, ମୌଲାନା ଅବ୍ଦୁଲ ହଲିମ ଖାଁ, ମୌଲାନା ମୁହମ୍ମଦ କୟୁମ, ମୌଲାନା ସେକ ଫୁରକାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଇଜତେମାକୁ ସୟଦ ଫିରୋଜ ଅହମଦ, ମୁହମ୍ମଦ ହୁମାୟୁଁ ଅକିଲ, ଟିକାୟତ ଅଲ୍ଲି ଏବଂ ଯୁବ ସଂଗଠନର ସଭାପତି ସମିର ଅହମଦ ପରିଚାଳନା କରିଥିବା ବେଳେ ତାଙ୍କୁ ସଂଗଠନର କର୍ମକର୍ତାମାନେ ସହଯୋଗ କରିଥିଲେ।

## ଲିପସା ଦାସ କମ୍ପ୍ୟୁଟର ସାଇନ୍ସ ସମ୍ମାନରେ ପ୍ରଥମ



ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜ୍ଞାନ ବିଭାଗର କମ୍ପ୍ୟୁଟର ସାଇନ୍ସ ସମ୍ମାନର ଛାତ୍ରୀ ଲିପସା ଦାସ ମୋଟ ୨୬୦୦ ମାର୍କରୁ ୨୨୨୦ ମାର୍କ ଅର୍ଥାତ ୮୫.୩୮ ପ୍ରତିଶତ ମାର୍କ ରଖି ବିଭାଗରେ ପ୍ରଥମ ହୋଇଛନ୍ତି। ଲିପସା ହେଉଛନ୍ତି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭ୍ରମରଦିଆପାଟଣା ଗ୍ରାମର ଗୁଲନଗର ପଞ୍ଚାୟତର ସ୍ମିତା ଦାସଙ୍କ ଏକମାତ୍ର କନ୍ୟା। ତାଙ୍କ ସଫଳତାରେ ସହପାଠୀମାନଙ୍କ ସହ ସେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଲିପସାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଲିପସା ଭବିଷ୍ୟତରେ ଜଣେ ସଫ୍ଟୱେୟାର ଇଞ୍ଜିନିଅର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଲିପସାଙ୍କୁ ତିନିବର୍ଷ ବୟସ ହୋଇଥିବା ବେଳେ ତାଙ୍କ ପିତା ଅରବିନ୍ଦ ଦାସ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଲିପସାଙ୍କ ମା' ଜଣେ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟରତ।

## ନୃସିଂହ ଟିକିରି ମଠରେ ଝୁଲଣ ଯାତ୍ରା



ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ନୃସିଂହ ଟିକିରି ମଠରେ ଝୁଲଣଯାତ୍ରା ସମାପନ ହୋଇଯାଇଛି। ଗତ ୮ତାରିଖରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ପବିତ୍ର ଗହ୍ମାପୂର୍ଣ୍ଣମୀରେ ସମାପନ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସହିତ କୃଷ୍ଣକଥା ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ଏହି ଝୁଲଣ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳର ଗ୍ରାମ ଗୁଡିକରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ସମାଗମ ହୋଇଥିଲା। ମଠାଧୀଶ ବାବାଜୀ ହୃଷିକେଶ ଦାସ ମହାରାଜଙ୍କ ସମେତ ଅନ୍ତେବାସୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

